## ସଂକ୍ଷେପରେ

### କିଡ୍‌ନୀ ରୋଗରେ ଆକ୍ରାନ୍ତ ଯୁବତୀଙ୍କ ମୃତ୍ୟୁ

**ପାଣିକୋଇଲି,୧୪ା୧(ବିକାଶ ମଲ୍ଲିକ):**



ପାଣିକୋଇଲି ଥାନା ମାଳଆନ୍ଦପୁର ପଞ୍ଚାୟତ ମାଧପୁର ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ଜଣେ ଯୁବତୀଙ୍କ ରବିବାର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ରଜନୀକାନ୍ତ ମହାନ୍ତିଙ୍କ ଝିଅ ମଧୁସ୍ମିତା(୨୬)। କିଛି ଦିନ ହେବ ସେ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ପାଣିକୋଇଲି ଡିଗ୍ରୀ ମହାବିଦ୍ୟାଳୟରୁ ମଧୁସ୍ମିତା ବିଏ ପାସ କରିଥିଲେ। ତାଙ୍କର ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ସନ୍ଧ୍ୟାରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ଶ୍ରୀରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

**ବିଞ୍ଝାରପୁର,୧୪ା୧(ରାମକୃଷ୍ଣ ଦାସ):**

ଯାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛଞ୍ଚଣାସ୍ଥିତ ଶ୍ରୀଶ୍ରୀରାଧାକୃଷ୍ଣ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଆସନ୍ତା ୨୨ତାରିଖରେ ଅନୁଷ୍ଠିତ ହେବ। ଏନେଇ ଛଞ୍ଚଣା ଗ୍ରାମବାସୀଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମଳାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ୨୧ ତାରିଖରେ ମଙ୍ଗଳାଧିବାସ, ୨୨ରେ ଶ୍ରୀ ରାଧାକୃଷ୍ଣ ବିଗ୍ରହଙ୍କର ଶୋଡ଼ଷ ଉପଚାର ପୂଜା, ଯଜ୍ଞ ଆରମ୍ଭ ହେବ। ଏଥିସହିତ ଉକ୍ତ ଦିନ ସନ୍ଧ୍ୟାରେ ପୂର୍ଣ୍ଣାହୁତି, ପ୍ରସାଦସେବନ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଉମାକାନ୍ତ ମହାପାତ୍ର, ନରେନ୍ଦ୍ର ସାମଲ, ପାଣ୍ଡବ ଦଳାଇ, ଶରତ ବାରିକ, ସତ୍ୟପ୍ରସନ୍ନ ମହାପାତ୍ର, ବିଜୟ ମହାପାତ୍ର, ଅଜୟ ସାହୁ, ବୀରଭଦ୍ର ଦାସ, ବିଷ୍ଣୁଚରଣ ମହାପାତ୍ର, ଶତ୍ରୁଘ୍ନ ପରିଡ଼ା, ଦିଲୀପ ସାମଲ, ହରେକୃଷ୍ଣ ଜେନା ଓ ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

**ପାଣିକୋଇଲି,୧୪ା୧(ବିକାଶ ମଲ୍ଲିକ):**

ପାଣିକୋଇଲି ବିବେକାନନ୍ଦ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହିଅବସରରେ ବିଦ୍ୟାଳୟର ପିଲାଙ୍କ ମଧ୍ୟରେ ସ୍ୱାମିଜୀଙ୍କ ଉପରେ ବକ୍ତୃତା, ନୃତ୍ୟ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ରବିନାରାୟଣ ପରିଡ଼ା ଛାତ୍ରୀଛାତ୍ରଙ୍କୁ ସ୍ୱାମିଜୀଙ୍କ ଆଦର୍ଶରେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେବା ସହିତ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବାକୁ କହିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ଲୋପାମୁଦ୍ରା ପାଢ଼ୀ, ସୁମିତ୍ରା ପୋଥାଳ, ସ୍ନେହଲତା ରାୟ, ସରସ୍ୱତୀ ସାହୁ ଓ କର୍ମଚାରୀ ମୀନାରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଷ୍ଟେଶନ ତାଲିକାରେ ରାମପୁର-ଶଗଡ଼ି ପୁଣି ସାମିଲ

**ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳପଥ**

- ଅଲ୍‌ଟରନେଟିଭ ଆଲାଏନ୍‌ମେଣ୍ଟ ଷ୍ଟଡି ରିପୋର୍ଟ ପ୍ରକାଶ
- ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଦାବି

**ଯାଜପୁର,୧୪ା୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ରୋଡ୍ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ବିରଜା ମନ୍ଦିର ପ୍ରସ୍ତାବିତ ରେଳପଥର ଷ୍ଟେଶନ ତାଲିକାରେ ପୁଣି ପରିବର୍ତ୍ତନ ହୋଇଛି। ପୂର୍ବରୁ ବାଦ୍ ପଡ଼ିଥିବା ରାମପୁର-ଶଗଡି ଷ୍ଟେଶନକୁ ପୁଣି ସାମିଲ କରାଯାଇଥିବାବେଳେ ଷ୍ଟେଶନ ସଂଖ୍ୟା ୧୧ରୁ ୧୨କୁ ବୃଦ୍ଧି କରାଯାଇଛି। ଏହାସହ ଯାଜପୁର ରୋଡ୍‌ଠାରୁ ଧାମରାର ଦୂର ୯୬ କି.ମି.ରୁ ୯୪.୬ କି.ମି.କୁ ହ୍ରାସ ପାଇଛି। ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଏନେଇ ହୋଇଥିବା ଦାବି ପରେ ଏଭଳି ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରସ୍ତାବିତ ରେଳପଥର ଫାଇନାଲ ଲୋକେଶନ ସର୍ଭେ (ଏଫ୍‌ଏଲ୍‌ଏସ୍) ପାଇଁ ୨ କୋଟି ୪୦ ଲକ୍ଷ ମଞ୍ଜୁର ହୋଇଥିଲେ ହେଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅଧିକାର (ଆର୍‌ଟିଆଇ) ତଥ୍ୟ ଅନୁଯାୟୀ ରାଜ୍ୟରେ ୧୭ଟି ପ୍ରକଳ୍ପ ସର୍ଭେ ପ୍ରକ୍ରିୟାରେ ଝୁଲିରହିଥିବାରୁ ଯାଜପୁର ରୋଡ୍-ଧାମରା ପ୍ରକଳ୍ପକୁ ମଧ୍ୟ ଶୀତଳଭଣ୍ଡାରରେ ରଖାଯାଇ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ ହେଉଛି ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଆରଟିଆଇ ଜରିଆରେ ୧୦ା୧ା୨୦୨୪ରେ ମିଳିଥିବା ଅଲ୍‌ଟରନେଟିଭ ଏଲାଏନ୍‌ମେଣ୍ଟ ଷ୍ଟଡି ରିପୋର୍ଟ ଅନୁସାରେ ପୂର୍ବରୁ ରହିଥିବା ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନଠାରୁ ଛୋଟରାୟପୁର (ଜଙ୍କଶନ), ରାମପୁର-ଶଗଡି, ବାହାବଳପୁର, ଯାଜପୁର, ଜଳେଶ୍ୱରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ଚାନ୍ଦବାଲି, ଭିତରକନିକା ଓ ଧାମରା ଷ୍ଟେଶନ ହେବ ବୋଲି ପ୍ରସ୍ତାବ ରହିଛି। ଏହି ନିଷ୍ପତ୍ତିକୁ ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ସଂଗ୍ରାମ ସମିତିର ସଦସ୍ୟ ସତ୍ୟପ୍ରକାଶ ବେହୁରା କହିଛନ୍ତି, ସର୍ଭେ ଓ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟ ଚାଲିଥିଲେ ହେଁ ଆସନ୍ତା ଅନ୍ତରୀଣ ବଜେଟରେ ଆବଶ୍ୟକ ଆର୍ଥିକ ଅନୁଦାନ ମଞ୍ଜୁର ହେବା ଆବଶ୍ୟକ। ଏହାପରେ ପ୍ରକଳ୍ପ କାର୍ଯ୍ୟରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇବ। ସୂଚନାଯୋଗ୍ୟ, ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳୱେ ବର୍ଷକୁ ୩୧.୧୫% ଅଧିକ ଲାଭବାନ ହେବ ବୋଲି ପୂର୍ବରୁ ଜଣାପଡିଛି। ଦୀର୍ଘ ବର୍ଷ ହେଲା ଏକାଧିକ ପ୍ରକଳ୍ପ ସର୍ଭେରେ ସୀମିତ ରହିଛି। ନିର୍ବାଚନ ସମୟ ଆସିଲେ ରେଳୱେ ପକ୍ଷରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଉଥିବାବେଳେ ପରବର୍ତ୍ତୀ ସମୟରେ ପୁଣି ଧିମେଇ ଯାଉଥିବା ସାଧାରଣରେ ମତପ୍ରକାଶ ପାଇଛି।

# ଆଜିଠୁ ବରୁଣେଶ୍ୱର ମେଳା



ମହାପ୍ରଭୁ ବରୁଣେଶ୍ୱରଙ୍କ ପୀଠ।

**ବିଞ୍ଝାରପୁର,୧୪ା୧(ରାମକୃଷ୍ଣ ଦାସ):**

ଯାଜପୁର ଜିଲାର ପ୍ରସିଦ୍ଧ ବରୁଣେଶ୍ୱର ମେଳା ସୋମବାରଠାରୁ ଆରମ୍ଭ ହେବ। ଓଡ଼ିଶାରେ ମକର ସଂକ୍ରାନ୍ତି ଏକ ବଡ଼ ପର୍ବ। ଏହି ପର୍ବ ମୁଖ୍ୟତଃ ଅବିଭକ୍ତ କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ ଆଦି ଅଞ୍ଚଳର ଗଣପର୍ବ ହୋଇଥିବାବେଳେ ଶୈବପୀଠ ବରୁଣେଶ୍ୱରରେ ଏହାକୁ ସ୍ୱତନ୍ତ୍ରଭାବେ ପାଳନ କରାଯାଏ। ଏହି ଦିନଠାରୁ ନବଦିନ ବ୍ୟାପୀ ବିରାଟ ପଲ୍ଲି ମେଳା ଅନୁଷ୍ଠିତ ହେବ। ଏହା ଏବେ ମହାମେଳାରେ ପରିଣତ ହୋଇଛି। ଯାଜପୁର ଜିଲାରେ ଏହି ମେଳା କୁମ୍ଭମେଳା ନାମରେ ପରିଚିତ ହାସଲ କରିଛି। ଚଳିତ ବର୍ଷ ମକର ସଂକ୍ରାନ୍ତି ସୋମବାର ପଡୁଥିବାରୁ ମେଳାର ଗୁରୁତ୍ୱ ବେଶ ବୃଦ୍ଧି ପାଇଛି। ମକର ସଂକ୍ରାନ୍ତିରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠ ନିକଟ ଲୁଣଭଦ୍ରା ନଦୀରେ ବୁଡ଼ ପକାଇବା ସମ୍ଭାବନା ରହିଛି। ମକର ସଂକ୍ରାନ୍ତିରେ ବାବାଙ୍କ ପ୍ରଥମ ଦର୍ଶନରେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକମତ ରହିଆସିଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସେହିପରି ମକର ସଂକ୍ରାନ୍ତିଠାରୁ ୫ ଦିନ ପର୍ଯ୍ୟନ୍ତ ଦୈନିକ ବାବାଙ୍କ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ରହିଥିବାବେଳେ ସାହିତ୍ୟ ଅନୁଷ୍ଠାନ ଅଖିଳଚକ୍ରର ସାରସ୍ୱତ କାର୍ଯ୍ୟକ୍ରମ, ପ୍ରଶାସନ ଦ୍ୱାରା ଆୟୋଜିତ ବରୁଣେଶ୍ୱର ମହୋତ୍ସବ, ବରୁଣେଶ୍ୱର ୟୁଥ ଫୋରମ ଦ୍ୱାରା ନିର୍ମିତ ବାଲୁକା କଳା, ମକର ଚାଉଳ, ପିଠା ବଣ୍ଟନ କାର୍ଯ୍ୟକ୍ରମ ହେବ। ମେଳା ପଡ଼ିଆରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଷ୍ଟଲ, ଏକା ସହିତ ୫ଟି ଅପେରା ପାର୍ଟି ମୁଖ୍ୟ ଆକର୍ଷଣୀୟ ସାଜିବ। ବରୁଣେଶ୍ୱର ସଂଲଗ୍ନ ଅନ୍ୟତମ ପୀଠ ନାମମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ ପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ମେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ ଉତ୍କଣ୍ଠା ପ୍ରକାଶ ପାଇଛି।

# ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁରରୋଡ୍,୧୪ା୧(ପବିତ୍ର ରଞ୍ଜନ ମହାନ୍ତି):**

**ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ**

ବ୍ୟାସନଗର ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଓଡ଼ିଆ ଭାଷା ଓ ପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଓଡ଼ିଆ ବିଭାଗ ଅଧ୍ୟାପକ ମଳୟ ମଲ୍ଲିକ ଯୋଗଦେଇ ଅନୁଷ୍ଠିତ 'ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଓଡ଼ିଆରେ କବିତା ଲିଖନ, ପ୍ରବନ୍ଧ ଲିଖନ, ବକ୍ତୃତା, କାହାଣୀ, ଓଡ଼ିଆ କବିତା ପଠନ, ଓଡ଼ିଆ ଗୀତ, କୁଇଜ ପ୍ରତିଯୋଗିତା ଓ ଓଡ଼ିଆ ଲୋକ ନୃତ୍ୟ ପ୍ରତିଯୋଗିତା ସହ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ବିଶିଷ୍ଟ ଆଲୋଚକଙ୍କ ଦ୍ୱାରା ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅନ୍ୟାମାନଙ୍କ ମଧ୍ୟରେ ଅଧ୍ୟାପିକା ତାରିଣୀତନୟା ସର, ଅଧ୍ୟାପକ ପ୍ରଶାନ୍ତ ରାଉତ, ଅରୁଣ ମିଶ୍ର, ପଦ୍ମଭୂଷଣ ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ପ୍ରତିଯୋଗିତାରେ ଭାଗନେବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ ଦିବସରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ 'ଓଡ଼ିଆ କବିତା ଲିଖନ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ସନ୍ତୋଷ ଜେନା, ଅଧ୍ୟାପିକା ଝୁନୁମଣି ଜେନା ଓ ସୁଚିସ୍ମିତା ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟନିର୍ବାହ କରିଥିଲେ। ମୁଖ୍ୟକିରାଣି ପ୍ରଦୀପ ପରିଡ଼ା, ଦୁର୍ଗାବତୀ ସ୍ୱାଇଁ, ବିଚିତ୍ର ଦଳାଇ, ପ୍ରବିତ୍ର ମୋହନ ଜେନା, ପ୍ରଶାନ୍ତ ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ସହଯୋଗ କରିଥିଲେ।

### ନେତାଜୀ ଜୟନ୍ତୀ ପ୍ରସ୍ତୁତି ବୈଠକ

**ପାଣିକୋଇଲି,୧୪ା୧(ବିକାଶ ମଲ୍ଲିକ):**

ପଥରପଦା ନେତାଜୀ କ୍ଲବ ଆନୁକୂଲ୍ୟରେ ଦ୍ୱିଦିବସୀୟ ନେତାଜୀ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ପରିସରରେ ଅନୁଷ୍ଠିତ ବୈଠକରେ ୨୩ ତାରିଖ ସକାଳେ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ଜ୍ୟୋତି ସଂଯୋଗ ଓ ପତାକା ଉତ୍ତୋଳନ ପରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଭାତ ଫେରି କରାଯିବ। ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ନୃତ୍ୟ ପ୍ରତିଯୋଗିତା କରାଯିବ। ସନ୍ଧ୍ୟାରେ ବାର୍ଷିକୋତ୍ସବ ଉଦ୍‌ଘାଟିତ ହେବ ଓ ଅତିଥିମାନଙ୍କୁ ନେଇ ସଭା କରାଯିବ। ଏଥିରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଯୋଗଦେବେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବୁଧବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ବୈଠକରେ ମଦନମୋହନ ବେହେରା, ସନ୍ତୋଷ ବେହେରା, ସୁବାସ ଧଳ, ସ୍ୱପ୍ନାନନ୍ଦ ଦାସ, ଅଶୋକ ବେହେରା, ସଞ୍ଜୟ ବେହେରା, ମାନସ ସାହୁ, ପର୍ଶୁରାମ ବେହେରା, ପ୍ୟାରୀମୋହନ ବାରିକ, ସୌମ୍ୟ ରଞ୍ଜନ ସାହୁ, ପ୍ରେମାନନ୍ଦ ବାରିକ, ଜିତେନ୍ଦ୍ର ବେହେରା ଓ ଜନାର୍ଦ୍ଦନ ସେନାପତିଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

### ଦେବୀଗଡ଼ା ବ୍ରହ୍ମାକୁମାରିଜ୍ ଶାଖାର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଯାଜପୁର ଟାଉନ,୧୪ା୧**
**(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁରଟାଉନ ସ୍ଥିତ ପାଣ୍ଡବ ଭବନରେ ଥିବା ଦେବୀଗଡ଼ା ପ୍ରଜାପିତା ବ୍ରହ୍ମାକୁମାରିଜ୍ ଶାଖାର ସ୍ଥାୟୀ କେନ୍ଦ୍ର ପରିସରରେ ରବିବାର କେନ୍ଦ୍ରର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ପରିଚାଳିକା ବି.କେ. କବିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ମୋହନ ମହାରଣା, ଖବରଦାତା ସୁରେଶ କୁମାର କର, ବି.କେ. ଦିଲୀପ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ଶୋ'ରୁମ୍ କର୍ମଚାରୀଙ୍କ ମଧ୍ୟରେ ମାର୍‌ପିଟ୍, ୨ ଗିରଫ

**ପାଣିକୋଇଲି,୧୪ା୧(ବିକାଶ ମଲ୍ଲିକ):**



ବିଚିତ୍ର ମଲ୍ଲିକ



ସରୋଜ ମଲ୍ଲିକ

ପାଣିକୋଇଲି ସୁଜିକ ଶୋ'ରୁମର ଦୁଇ କର୍ମଚାରୀଙ୍କ ମଧ୍ୟରେ ବିବାଦ ଓ ମାରପିଟ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ ତାଲୁଗାଁ ଗ୍ରାମର ସରୋଜ ମଲିକ ଓ ଫର୍ଦ୍ଦିପୁର ଗ୍ରାମର ବିଚିତ୍ର ମଲିକ। ଉଭୟେ ସୁଜିକି ଶୋ'ରୁମରେ କାର୍ଯ୍ୟ କରନ୍ତି। ଶୋ'ରୁମର ଏକ ଫାଇଲକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶୋ'ରୁମ ମ୍ୟାନେଜର ଏଥିରେ ହସ୍ତକ୍ଷେପ କରି ତହାର ସମାଧାନ କରିଥିଲେ। ମାତ୍ର ଶନିବାର ରାତିରେ ବିଚିତ୍ର ତାଲୁଙ୍ଗା ଦେଇ ଫର୍ଦ୍ଦିପୁରକୁ ଯିବା ସମୟରେ ତାଲୁଙ୍ଗା ଛକରେ ସରୋଜ ବିଚିତ୍ରଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏନେଇ ବିଚିତ୍ର ତାଙ୍କ ପରିବାରକୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚିବାପରେ ଉଭୟ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏନେଇ ଉଭୟ ଥାନାରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ନଂ.୩୨।୨୪ ଓ ୩୪।୨୪ରେ ମାମଲା ରୁଜୁ ହୋଇଛି।

### ଫେରାର ଅଭିଯୁକ୍ତ ଗିରଫ

**ଚାନ୍ଦବାଲି,୧୪ା୧ (କିଷାନ ପାତ୍ର):**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ୨ବର୍ଷ ପରେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁବ୍ରତ ବିଶ୍ୱାଳ(୪୨)। ଶନିବାର ବିଳମ୍ବିତ ରାତିରେ ତାଙ୍କ ଘରୁ ପୋଲିସ ଗିରଫ କରିଥିଲା। ରବିବାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ସିଂହପୁର,୧୦ା୧**
**(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଟିଁକିଲତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅତିଥିଭାବେ ଅଶୋକ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ନିଗ୍ଧାରାଣୀ ବେଉରିଆ, ଧନେଶ୍ୱର ସାମଲ, ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, କୈଳାସ ସେଠୀ, ମଞ୍ଜୁଲତା ସାମଲ, ପ୍ରମିଳା ପରିଡ଼ା, ଅଙ୍ଗନୱାଡ଼ି କର୍ମୀ ସଜନୀ ବାରିକ, ସୁରେନ୍ଦ୍ର ବେଉରିଆ ଓ ଦାମୋଦର ପୁହାଣ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ ମଶାଲ ଶୋଭାଯାତ୍ରା କରାଇଥିଲେ।

# ୧୮ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା



ରଥ ପରିକ୍ରମା କାର୍ଯ୍ୟକ୍ରମରେ ବିଧାୟକ ଏବଂ ଅନ୍ୟମାନେ।

**ଧର୍ମଶାଳା,୧୪ା୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ପ୍ରଶାସନ ପକ୍ଷରୁ ୧୧ ଓ ୧୨ ନଂ. ଜୋନର ୧୮ ପଞ୍ଚାୟତରେ ରବିବାର ଅର୍ପଣ ରଥ ପରିକ୍ରମା କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଛି। ରଥ ୧୧ନଂ. ଜୋନ୍‌ର ଏଣ୍ଡଳବା, ରେଖିଦେଇପୁର, ରାଇଛନ୍ଦା, ତାଳଜଙ୍ଗ, କବାଟବନ୍ଧ, ମଧୁସୂଦନପୁର, ମିର୍ଜାପୁର, ଅଞ୍ଜିରା, ଚକ୍ରଧରପୁର ପଞ୍ଚାୟତ ଓ ୧୨ନଂ. ଜୋନର ଜେନାପୁର, ବୃନ୍ଦାଦେଇପୁର, ସାହାଣୀଡ଼ିହ, ପୁରୁଣାବଉଳମାଳ, କମାଗଡ଼, ଅଣ୍ଡିଆ, ମଧୁପୁରଗଡ଼, ମହିଶରା, ସମ୍ପାରୁ ଆଦି ପଞ୍ଚାୟତ ପରିକ୍ରମା କରିଥିଲା। ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନେତୃତ୍ୱରେ ରଥ ଗାଁ ପରିକ୍ରମା କରିବା ବେଳେ ମହିଳାମାନେ ରାସ୍ତାରେ ମୁରୁଜ ପକାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସୁଧାଂଶୁ ସାହୁ, ଯୁବନେତା ପ୍ରହ୍ଲାଦ ଲେଙ୍କା, ଜଗଦୀଶ ଜେନାମଣି, ଦିଲୀପ ବରାଳ, ଅଶୋକ ପରିଡ଼ା, ବାବୁଲି ସାମଲ ଓ ସାବିତ୍ରୀ ପରିଡ଼ାଙ୍କ ସମେତ ଉପରୋକ୍ତ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସୋମବାର ୧୪ ଓ ୧୫ ନମ୍ବର ଜିଲା ପରିଷଦ ଜୋନ ଅଧୀନରେ ଥିବା ପଞ୍ଚାୟତଗୁଡ଼ିକରେ ରଥ ପରିକ୍ରମା କରିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

### କୁଆଁରପୁର ସମବାୟ ସମିତିରେ ଖୋଲିଲା ଧାନମଣ୍ଡି

**ଝୁମୁରୀ,୧୪ା୧(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ କୁଆଁରପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ କରାଯାଇଛି। କୁଆଁରପୁର ମହିଷିଡ଼ିହ ପଡ଼ିଆଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଏହି ମଣ୍ଡିର ଶୁଭାରମ୍ଭ କରିଥିଲେ। ସମବାୟ ସମିତି ସମ୍ପାଦକ ଭାଗ୍ୟଧର ମଲ୍ଲିକଙ୍କ ପରିଚାଳନାରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, କଟକ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ମଲ୍ଲିକ, ଏଆରସିଏସ୍ ଶରତ ଚନ୍ଦ୍ର ମଲ୍ଲିକ, ସରପଞ୍ଚ ହିମାଂଶୁ ନାୟକ, ସମିତିସଭ୍ୟ ବିଜୟ ନାୟକ, ପୂର୍ବତନ ସମିତିସଭ୍ୟ ଜୟନ୍ତ ନାୟକ, କୁଆଁରପୁର ସମବାୟ ସମିତି ସଭାପତି ରମେଶ ଚନ୍ଦ୍ର ଦାସ, ଅକରପଡ଼ା ସମବାୟ ସମିତି ସଭାପତି ଲକ୍ଷ୍ମୀନାରାୟଣ ସୁନ୍ଦରରାୟ ଓ ତଳିହା ସମବାୟ ସମିତି ସଭାପତି ସଦାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ରେଳମନ୍ତ୍ରୀଙ୍କ ପାଖର ଷ୍ଟେଶନ କାର୍ଯ୍ୟ ତଦାରଖ

**ଧର୍ମଶାଳା,୧୪ା୧(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ପାଖରଠାରେ ଷ୍ଟେଶନ କାର୍ଯ୍ୟ ଚାଲିଥିବାବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଆସି ତଦାରଖ କରିଛନ୍ତି। ମନ୍ତ୍ରୀ ବାଲେଶ୍ୱର ଯାଇ ଟ୍ରେନ ଯୋଗେ ଭୁବନେଶ୍ୱର ଫେରୁଥିବା ସମୟରେ ପୂର୍ବାହ୍ନରେ ପାଖର ଛକରେ ଓହ୍ଲାଇ କାର୍ଯ୍ୟ ତଦାରଖ କରିବା ସହ ୨ ମାସ ମଧ୍ୟରେ ଏଠାରେ କାମ ସମ୍ପୂର୍ଣ୍ଣ କରାଯାଇ ରେଳ ରହଣି କରାଯିବ ବୋଲି କହିଥିଲେ।

ପାଖରଠାରେ ପାସେଞ୍ଜର ଟ୍ରେନ୍ ରହଣି ପାଇଁ ଆଖପାଖ ପଞ୍ଚାୟତ ଓ ପାସେଞ୍ଜର ହଲ୍ଟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇ ଆସୁଥିଲା। ରେଳମନ୍ତ୍ରୀ ଏହାକୁ ଗୁରୁତର ସହ ନେଇ ଏଠାରେ ରେଳରହଣି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଷ୍ଟେଶନ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରାଇଥିଲେ। ଏହି ଷ୍ଟେଶନ ନିର୍ମାଣ କାର୍ଯ୍ୟ ଏବେ ଜୋରସୋରରେ ଆଗେଇ ଚାଲିଛି। ରେଳମନ୍ତ୍ରୀ ଏଠାକୁ ଆସୁଥିବା ଖବର ପାଇ ପାଖର ପାସେଞ୍ଜର ହଲ୍ଟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ଯୁଧିଷ୍ଠିର ସ୍ୱାଇଁ, ଆବାହକ ବିଜୟ ଦାସ, ନକୁଳ ନାୟକ, ନିରଞ୍ଜନ ଖିଲାର, ମଦନ ମୋହନ ରାଉତ, କାହ୍ନୁଚରଣ ସାମଲ, ବ୍ରଜମୋହନ ଖିଲାର, ନନ୍ଦକିଶୋର ବଳ, ଦର୍ଶନ ବେହେରା, ନୃସିଂହ ଚରଣ ମିଶ୍ର, ସବିତା ମିଶ୍ର ଓ ପାଖର ସରପଞ୍ଚ ସବ୍ୟସାଚୀ ଦାସ ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ ପହଞ୍ଚି ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ।




ରେଳମନ୍ତ୍ରୀଙ୍କୁ ପାଖର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱାଗତ କରାଯାଉଛି।

# ସିଙ୍ଗିରିରେ ନର୍ସିଂ ସ୍କୁଲ ଉଦ୍‌ଘାଟିତ

ଆଳି,୧୪।୧(ବନମାଳୀ ସେନାପତି )

ଆଳି ବ୍ଲକ ସିଙ୍ଗିରିଠାରେ ରାଜ୍ୟ ସରକାରଙ୍କ (ଓଏନ୍‌ଏମ୍‌ଆର୍‌ସି)ପକ୍ଷରୁ ଏକ ନର୍ସିଂ ସ୍କୁଲ ଖୋଲିବାକୁ ନିର୍ଦ୍ଦେଶ ମିଳିବା ପରେ କ୍ରିଏଟିଭ ଜେନସ୍ ନର୍ସିଂ ସ୍କୁଲ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଯାଇଛି। ଏହି ସ୍କୁଲରେ ପ୍ରଥମ ପର୍ଯ୍ୟାୟରେ ୪୦ଜଣ ଛାତ୍ରୀ ନର୍ସିଂ ପାଠ ପଢ଼ିପାରିବେ। ଏପରିକି ସେମାନଙ୍କ ରହିବା ନିମନ୍ତେ ହଷ୍ଟେଲର ବ୍ୟବସ୍ଥା, ଭୋକେଶନାଲ ଟ୍ରେନିଂ, ପ୍ରତ୍ୟକ ଦିନ ଥିଓରୀ ଓ ପ୍ରାକ୍ଟିକାଲ, ହରିଜନ ଆଦିବାସୀ ପିଲାଙ୍କ ନିମନ୍ତେ ଷ୍ଟାଇପେଣ୍ଡ, ସାଧାରଣ ବର୍ଗ ଓ ଓବିସି ବର୍ଗର ପିଲାଙ୍କ ନିମନ୍ତେ ମଧ ଷ୍ଟାଇପେଣ୍ଡର ବ୍ୟବସ୍ଥା ରହିଛି। ଏପରିକି ପାଠ ପଢ଼ା ଶେଷ ହେବା ପରେ ଭଲ ମେଡିକାଲ ପୋଷ୍ଟିଂ ଦେବା ନିମନ୍ତେ ବ୍ୟବସ୍ଥା ଥିବା କ୍ରିଏଟିଭ ଜେନସ୍ ନର୍ସିଂ ସ୍କୁଲର ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର କର ସୂଚନା ଦେଇଛନ୍ତି। ଏହି ଉଦ୍‌ଘାଟନ ଉତ୍ସବରେ ଅନୁଷ୍ଠାନର କୋଷାଧକ୍ଷ ପଦ୍ମକର ଗୁରୁ, ଆଳି ମହାବିଦ୍ୟାଳୟର ଅଧକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ, ଆଶୁତୋଷ ଦାସ, ପ୍ରମୋଦ ମଲିକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ସେଓ ଚାଷ ଦେଲା ନୂଆ ଆଶା

ରାଜକନିକା,୧୪।୧
(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତ ହାବଳଗଣ୍ଡପାଟଣା ଗାଁର ଚାଷୀ ବଳରାମ ଦାଶ(୭୫) ଶ୍ରଦ୍ଧାରେ ସମସ୍ତେ ଝରିଆ ନନା ବୋଲି ଡାକିଥାନ୍ତି। ସେ ବିଦେଶ ଫଳ ସେଓକୁ ଗାଁ ମାଟିରେ ଫଳାଇ ପାରିଛନ୍ତି, ଯାହାକି ଚାଷୀଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି। ତାଙ୍କର ଚାଷ ପ୍ରତି ଭଲ ପାଇବା ହିଁ ତାଙ୍କୁ ଏହି ସଫଳତା ଦେଇଛି । ସେ ରାଜକନିକା ଭଳି ଉପକୂଳ ମାଟିରେ ଫଳାଇଛନ୍ତି ବିଦେଶୀ ସେଓ, କିଏ ଥାଇଲାଣ୍ଡ ଆପଲ ତ କିଏ ପୁଣି ବେରୀଫ୍ରୁଟ୍ ନାମରେ ନାମିତ କରୁଛନ୍ତି। ପୁଣି କେହି କେହି ବିଦେଶୀ କୋଳି ବୋଲି ମଧ ନାମାଙ୍କନ କରୁଛନ୍ତି। ଏହା ଅତ୍ୟନ୍ତ ମିଠା, ସୁସ୍ୱାଦୁ ଲମ୍ବା ସାଇଜ ଆକାରରେ ଫଳୁଥିବା ଏହି ଫଳର ରଙ୍ଗ ଲାଲ-ଈଷତ ସବୁଜ। ବିଦେଶୀ ଫଳକୁ ଦେଖିବାକୁ ନିଇତି ତାଙ୍କ ବାଡିରେ ଭିଡ଼ ପରିଲକ୍ଷିତ ହେଉଛି। ଏହି ଫଳ ଚାଷ କରି ଦାଶ ଜିଲାରେ ସୁଖ୍ୟାତି ଅର୍ଜନ କରିପାରିଛନ୍ତି। ପନିପରିବା ଚାଷ ସାଙ୍ଗକୁ ଧାନ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ନୂଆ ପ୍ରଜାତିର ଫଳ ଭାରତର କଶ୍ମୀର ଓ ବିଦେଶ



ବଳରାମଙ୍କ ବାଡିରେ ଫଳିଥିବା ସେଓ ।

(ଥାଇଲାଣ୍ଡ)ରେ ମୁଖ୍ୟତଃ ବେରୀ ପ୍ରଜାତିର ଚାଷ ହୋଇଥାଏ। ୟୁଟ୍ୟୁବ୍‌ରେ ଏହି ଚାଷ ସମ୍ବନ୍ଧରେ ଜାଣି ଆପଲ ଚାଷ ପାଇଁ ସେ ମନ ବଳାଇଥିଲେ। ପଶ୍ଚିମବଙ୍ଗ ମୁର୍ଶିଦାବାଦର ଜଣେ ଚାଷୀଙ୍କ ସହଯୋଗରେ ସେ ଏହି ଚାଷ ରାଜକନିକାରେ ପ୍ରଥମଥର ପାଇଁ ଚାଷ କରିଛନ୍ତି। ପରୀକ୍ଷା ସ୍ୱରୂପ ୨୦୨୩ ଜାନୁଆରୀରେ ନିଜର ୫୦ ଡେସିମିଲ ଜମିରେ ମାତ୍ର ୨ ଶହ ଗଛ ଲଗାଇଥିଲେ। ଗଛଟି ଦେଶୀ କୋଳି ଗଛ ପରି ଦେଖାଯାଉଛି। ଗଛରେ ସେଓ ଖୁବ୍ ସୁନ୍ଦର ମନୋରମ ହୋଇଛି। କେହି କେହି ମୋବାଇଲରେ ସେଲ୍ଫି ବି ନେଉଛନ୍ତି। ତାଙ୍କର କହିବା କଥା, ମାଟିର ଉର୍ବରତା ଏତେ ଅଛି ଫଳରେ ଭର୍ତ୍ତି ଯୋଗୁ ଗଛର ପତ୍ର ଦେଖାଯାଉନାହିଁ। ଗଛଗୁଡ଼ିକ ଓହଳି ପଡୁଥିବାରୁ ବାଉଁଶ ଡିରା ସାହାଯ୍ୟରେ ସଳଖ ରଖାଯାଇଛି। ଗଛ ଲାଗିବାଠାରୁ ବର୍ଷେ ଅନ୍ତରାଳରେ ଫଳ ଅମଳ ହେବାକୁ ଥିବାବେଳେ ନିଜ ଗାଁ ସମେତ ଆଖପାଖ ଗାଁର ଲୋକମାନେ ଏହି ସୁସ୍ୱାଦୁ ଫଳ କିଣି କରି ଖାଉଛନ୍ତି। ଏପର୍ଯ୍ୟନ୍ତ ପାଖାପାଖି ୫୦ କିଲୋରୁ ଅଧିକ ଫଳ ବିକ୍ରି ହୋଇଥିବା ସେ କହିଛନ୍ତି। ବଜାରର ଚାହିଦା ଅନୁଯାୟୀ ସେଓ ମୂଲ୍ୟ ଅନୁସାରେ ବିକ୍ରି ହେଉଛି। ପ୍ରଥମ ବର୍ଷରେ ଗଛ ପିଛା ୨୦ କିଲୋରୁ ଉର୍ଦ୍ଧ୍ୱ ଫଳ ଫଳିବାକୁ ଆଶା ରଖିଥିବା ବେଳେ, ଦ୍ୱିତୀୟ ବର୍ଷରେ ଗଛ ପିଛା ୬୦ରୁ ୮୦ କିଲୋ ପର୍ଯ୍ୟନ୍ତ ଫଳ ଫଳିବା ନେଇ ଆଶାବାଦୀ ଅଛି। ତେବେ ପନିପରିବା ଓ ଧାନ ଚାଷଠାରୁ ଏହି ଫଳ ଚାଷ ପରିଶ୍ରମ ତୁଳନାରେ କମ୍ ଏବଂ ଅପେକ୍ଷାକୃତ ଅଧିକ ଲାଭଜନକ ଚାଷ ହୋଇପାରିବ ବୋଲି ସେ କହିଥିଲେ। ବହୁ ଘାତ ପ୍ରତିଘାତକୁ ସାମ୍ନା କରି ଚ୍ୟାଲେଞ୍ଜ ଭାବେ ନେଇଥିବା ଏହି ଚାଷ ତାଙ୍କୁ ସ୍ୱାବଲମ୍ବୀ କରିବା ସହ ସଫଳ ଚାଷୀର ମାନ୍ୟତା ଦେଇପାରିଛି। ସେଥିପାଇଁ ସେ ଖୁବ୍ ଆନନ୍ଦିତ। ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଆଗାମୀ ବର୍ଷ ଅଧିକରୁ ଅଧିକ ଚାଷ କରିବାକୁ ମନ ବଳାଇଛନ୍ତି। ଯଦି ଏହି ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ମିଳିପାରନ୍ତା, ତେବେ ଚାଷୀମାନେ ଲାଭାନ୍ୱିତ ହୋଇପାରନ୍ତେ। ଏହି ଫଳ ଚାଷକରି ଆତ୍ମସନ୍ତୋଷ ଲାଭ କରିଛି ବୋଲି ଦାଶ କହିଛନ୍ତି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ରାଜନଗର, ୧୪।୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବାର୍ହାପୁରସ୍ଥିତ ସପନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଅଭିନ୍ନ ସୁନ୍ଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସପନେଶ୍ୱର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଜେନା, ନଳିନୀକାନ୍ତ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ଖବରଦାତା ଜଗନ୍ନାଥ ଦାସ, କୋଇଲିପୁର ସରପଞ୍ଚ ଦିଲୀପ କୁମାର ରାଉତ, ସମିତିସଭ୍ୟ ଅଭୟ କୁମାର ଖଣ୍ଡୁଆଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଅଧାପକ ରଞ୍ଜନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡାଲ ଅଫିସର ଅଧାପକ ଅଲେଖ ପ୍ରସାଦ ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ଅଧାପକ ସାଧୁ ଚରଣ ବାରିକ ଧନ୍ୟବାଦ ଦେଇଥିଲେ। ଅଧାପକ ଦିଲୀପ କୁମାର ବରାଳ, ସ୍ମୃତି ରଞ୍ଜନ ଜେନା, ସଞ୍ଜୁଲତା ପ୍ରଧାନ, ରାଜେଶ କୁମାର ସାହୁ, ସୁରେନ୍ଦ୍ର କୁମାର ପଡ଼ିହାରୀ, ସଂଘମିତ୍ରା ରାଉତ, ପଦ୍ମଲୋଚନ ବେହେରା, ରଘୁନାଥ ଖଣ୍ଡୁଆଳ, ଅଲେଖ ଚନ୍ଦ୍ର ସେଠୀ, ନଳିନୀକାନ୍ତ ପରିଡା, ଧ୍ରୁବ ଚରଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟସ୍ତରୀୟ ପୁସ୍ତକ ମେଳା ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୪।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ସହରର ଟେଲିକମ୍ ପଡ଼ିଆରେ ୬ ତାରିଖରୁ ଚାଲିଥିବା ଏକବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ଅତିଥିମାନେ ସାହିତ୍ୟ ଦ୍ୱାରା ବୌଦ୍ଧିକ ଆନ୍ଦୋଳନର ଭିତ୍ତିଭୂମି ପଡ଼ିଥାଏ ବୋଲି ପ୍ରକାଶ କରିଥିଲେ। କେମ ସଭାପତି ଇଂ. ଅକ୍ଷୟ ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରସ୍ତକାର ଡ. ଅରବିନ୍ଦ ବେହେରା, କବି ନିରାକାର ଦାସ, ସାହିତ୍ୟିକ ଡ. ମିହିର ସାହୁ, ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତ, ଗାଳ୍ପିକା ସୁନନ୍ଦା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସାହିତ୍ୟର ଆବଶ୍ୟକତା ଉପରେ ତର୍ଜମା କରିଥିଲେ। ସେମାନେ ବୈଦ୍ଧିକ ଆନ୍ଦୋଳନ ଦ୍ୱାରା ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ କେମର ବିଭିନ୍ନ ସମ୍ମାନ ଉଲ୍ଲେଖନୀୟ କୃତୀ ପ୍ରତିଭାଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ସମ୍ପାଦକ ଜାହିଦ ଖାନ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କେମ କର୍ମକର୍ତ୍ତା ସମ୍ପିତ ଶ୍ରୀଚନ୍ଦନ, ମାତୃଦତ୍ତ ମହାନ୍ତି ପ୍ରମୁଖ ସଭା ପରିଚାଳନା କରିଥିଲେ। କେମ ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ସମେତ କର୍ମକର୍ତ୍ତାମାନେ ପୁସ୍ତକ ମେଳାକୁ ପରିଚାଳନା କରିଥିଲେ।



ପୁସ୍ତକ ମେଳାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

# ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଜନଗର, ୧୪।୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁରସ୍ଥିତ ମହିମା ବିଶ୍ୱଶାନ୍ତି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୯ତମ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଦାମୋଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ, କେନ୍ଦ୍ରାପଡ଼ା ଓଷ୍ଟା ଉପଦେଷ୍ଟା କ୍ଷୀରୋଦ କୁମାର ମଲ୍ଲିକ, ସମିତିସଭ୍ୟ ରବିନ ମଲିକ, ଅବସରପ୍ରାପ୍ତ ଏବିଇଓ ବିଜୟ କୁମାର ଜେନା, ପୂର୍ବତନ ସରପଞ୍ଚ ଦାମୋଦର ବିଶ୍ୱାଳ, ଶିକ୍ଷାବିତ୍ ମାନସ କୁମାର ପରିଡା, ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡା, ସିଆର୍‌ସିସି ଚନ୍ଦ୍ରକାନ୍ତ ରାଉତ, ମୋ ସ୍କୁଲ ଅଭିଯାନର ସଭାପତି ଯାମିନୀ ରଞ୍ଜନ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଜୀବନାଦର୍ଶ ସହ ଶିକ୍ଷକ ସମାଜ ପ୍ରତି ରହିଥିବା ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ସଂଘର ସଭାପତି ସ୍ୱାଇଁଙ୍କ ଅଧକ୍ଷତାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ବିକ୍ରମ କୁମାର ଦାସ, ଅବସରପ୍ରାପ୍ତ ପ୍ରାଧାପକ ସତ୍ୟବାଦୀ ଜେନା, ରାଜ୍ୟ ସଂଘର ସମ୍ପାଦକ ସୁକାନ୍ତ କୁମାର ବେହେରା, କୋଷାଧକ୍ଷ ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଚିତ୍ତରଞ୍ଜନ ସାହୁ, ହେମନ୍ତ କୁମାର ବାରିକ, ପ୍ରମୋଦ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେରାବିଶର ଅସ୍ମିତା, ପାଟକୁରାର ସ୍ୱାଭିମାନ ପାଇଁ ଶପଥ

ଡେରାବିଶ, ୧୪।୧
(ବେବର୍ତ୍ତା ଅଜୟ ଦାସ)

## ମାଣିଖଣ୍ଡି ମହାପୁରୁଷଙ୍କ ପୀଠରେ ସର୍ବଦଳୀୟ ବୈଠକ

ଡେରାବିଶର ଅସ୍ମିତା ଓ ପାଟକୁରାର ସ୍ୱାଭିମାନ ପାଇଁ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ବାଲିଆସ୍ଥିତ ମାଣିଖଣ୍ଡି ମହାପୁରୁଷଙ୍କ ପୀଠରେ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡ଼ା, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂହ, ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ନିର୍ଦ୍ଦେଶକ ପ୍ରମୋଦ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚନମଣ୍ଡଳୀରେ ଡେରାବିଶ ବ୍ଲକର ସିଂହଭାଗ ଥିଲେ ମଧ ବାହାର ନିର୍ବାଚନମଣ୍ଡଳୀର ନେତୃତ୍ୱ ଅଞ୍ଚଳକୁ ପ୍ରତିନିଧିତ୍ୱ କରି ଡେରାବିଶର ଅସ୍ମିତା ଓ ପାଟକୁରାର ସ୍ୱାଭିମାନ ପ୍ରତି କୁଠାରଘାତ ଆଣିଥିବା ଉପରେ ଆଲୋକପାତ କରିଥିଲେ। ଏଥିସହ ଏହି ନିର୍ବାଚନମଣ୍ଡଳୀରେ ପାରିବାରିକ ଶାସନ ଚାଲିଥିବା, ନିର୍ବାଚନ ମଣ୍ଡଳୀର ବିକାଶ ନାମରେ ଅର୍ଥ ହରିଲୁଟ ହେଉଥିବା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନେତା ଲକ୍ଷ୍ମୀଧର ମହାପାତ୍ର, ଅମ୍ବିକା ପ୍ରସାଦ ରଥ, ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଅଧାପକ ପ୍ରଭାକର ସାମଲ, ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ଆସୁଥିବା ସରକାରୀ ଅର୍ଥର ବାଟମାରଣା ହେବା ସହ ପିସି କାରବାର ବ୍ୟାପକ ହେଉଥିବା ଉପରେ ନିଜର ମତ ରଖିଥିଲେ। ଏଥିରେ ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ ନିରଞ୍ଜନ କର, ପୂର୍ବତନ ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା, ବିପିନ ବିହାରୀ ସାହୁ, ରଜନୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ଡେରାବିଶର ଅସ୍ମିତା ଓ ପାଟକୁରାର ସ୍ୱାଭିମାନ ଉପରେ ସଂଗ୍ରାମ ଜାରି ରହିବ ବୋଲି ଆହ୍ୱାନ ଦେଇଥିଲେ। ଶେଷରେ ସାହାଜାହାନ ଖାଁ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗ ଦେଇଥିବା ବିଭିନ୍ନ ଦଳର ରାଜନେତା।

# ବଡ଼ାଗର କ୍ରିକେଟ୍ କ୍ଲବ ଚାମ୍ପିୟନ

ରାଜକନିକା,୧୪।୧(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ତଥା ରାଜକନିକା ବ୍ଲକ ଡାଳିକାଏନ୍ଦା ଖେଳ ପଡ଼ିଆରେ ଅନୁଷ୍ଠିତ ୫ମ ବାର୍ଷିକ ଗୁରୁବ୍ରଦର୍ସ ଏଣ୍ଟରଟେନମେଣ୍ଟ କପ୍ ରବିବାର ଫାଇନାଲ ମ୍ୟାଚ ହୋଇଯାଇଛି। ଖେଳରେ ବଡ଼ାଗର କ୍ରିକେଟ କ୍ଲବ ବନାମ ଆନନ୍ଦଚନ୍ଦ୍ର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଆନନ୍ଦଚନ୍ଦ୍ର କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୮ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ାଗର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ଓଭରରୁ ୧୬ ଓଭରରେ ୪ ଉଇକେଟ ହରାଇ ୧୫୯ କରି ଚାମ୍ପିୟନ ହୋଇଥିଲା। ଯୁବକ ସଂଘର କୋଷାଧକ୍ଷ କୈଳାସ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨୯ନଂ. ଜୋନ ଜିଲା ପରିଷଦ ସଭ୍ୟା ଅମିତା ସାହୁ, ମୁଖ୍ୟବକ୍ତା ଭାବେ ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବାସୁଦେବ ସ୍ୱାଇଁ, ଗ୍ରାମ କମିଟି ସଭାପତି ରବୀନ୍ଦ୍ର ସ୍ୱାଇଁ, ପଦ୍ମଚରଣ ରାଉତ, ଅମର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍‌ର ରାଧାକାନ୍ତ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ସତ୍ୟଜିତ ନାୟକଙ୍କୁ ମ୍ୟାନ ଅଫ୍ ଦି ସିରିଜ, ଚାମ୍ପିୟନ ଓ ରନର୍ସ ଅପ ଟିମ୍‌କୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ଯୁବକମାନେ ଦେଶ ଗଠନରେ ସହାୟ ହୁଅନ୍ତୁ

ଡେରାବିଶ, ୧୪।୧
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ପଂଚାୟତ ଅନ୍ତର୍ଗତ ପାଣିଓଳା-୨ ଗ୍ରାମର ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ବିଶ୍ୱ ଯୁବ ଦିବସ ଅବସରରେ ପାଣିଓଳାସ୍ଥିତ ଉତ୍କଳ ଯୁବ ଚେତନା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ଅବସରରେ ଅନୁଷ୍ଠିତ ଯୁବ ସମାବେଶକୁ ସ୍ୱାମୀ ରାଜରାଜେଶ୍ୱର ପୁରୀ ମହାରାଜ ଉଦ୍‌ଘାଟନ କରିଥିଲେ। ଭାରତୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବାକୁ ବିବେକାନନ୍ଦଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ଏଥିରେ ପରିଷଦର ସଭାପତି ସୁଖଦାନନ୍ଦ ପ୍ରଧାନ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ଛାତ୍ର ଓ ଯୁବକମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ସହ ଉତ୍ସର୍ଗୀକୃତ ମନୋଭାବ ନେଇ ଦେଶ ଗଠନରେ ସହାୟ ହେବାକୁ ରଥ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ଅଳିତା ନନ୍ଦ ଯୋଗଦେଇ ବିଶ୍ୱଭ୍ରାତୃତ୍ୱ ଓ ବିଶ୍ୱରେ ମାନବବାଦ ପ୍ରତିଷ୍ଠା ପାଇଁ ବିବେକାନନ୍ଦଙ୍କ ସଂଗ୍ରାମ ପାଇଁ ଆଜି ସମଗ୍ର ବିଶ୍ୱରେ ଚିର ବନ୍ଦିତ ହୋଇ ରହିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ମନୋଜ ପ୍ରଧାନ, ସାମାଜିକ କର୍ମୀ ମନିଷା ପଣ୍ଡା, ଅଧାପକ ପ୍ରଦୀପ କୁମାର ଜେନା, ସିଦ୍ଧାର୍ଥ ମିଶ୍ର ଯୋଗଦେଇଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ରାଉତ, ନାରାୟଣ ମିଶ୍ର, କେଦାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅଧାପକ ରମେଶ ଚନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ସ୍ୱାମୀ ବିବେକାନନ୍ଦ, ବିଶ୍ୱ ଭ୍ରାତୃତ୍ୱ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହାବିଦ୍ୟାଳୟ ଓ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମକର ପୂର୍ବରୁ ଆଦିବାସୀଙ୍କୁ ମିଳିଲା ବସ୍ତ୍ର

ମହାକାଳପଡା, ୧୪।୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଲୁଣି ମାଠିଆ (ଜଙ୍ଗଲ ଘେରି) ଶବରପଡ଼ାରେ ବହୁ ଅଭାବୀ ପରିବାର ଲୋକ ଶୀତରତୁରେ ଖଣ୍ଡେ ଚାଦର ହେଉ କି କମ୍ବଳ ନାହିଁ। ସନ୍ଧ୍ୟା ହେଲେ ନିଆଁ ଜାଳି ଜାଡରୁ ଉଷୁମ ନେଉଛନ୍ତି। ପିଲାଠାରୁ ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ଶୀତଦାଉରୁ ରକ୍ଷା ପାଇଁ ଖଣ୍ଡେ ଶୀତ ବସ୍ତ୍ର ପାଇଁ ସ୍ଥାନୀୟ ସାମାଜିକ କର୍ମୀ ପବିତ୍ର ବେହେରାଙ୍କୁ କହିଥିଲେ। ପରେ ବେହେରାଙ୍କ ଉଦ୍ୟମରେ କେନ୍ଦ୍ରାପଡ଼ା ଜୟ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ସହିତ ଯୋଗାଯୋଗ କରିଥିଲେ। ସଭାପତି ମହାନ୍ତି, ଟ୍ରଷ୍ଟ ସଦସ୍ୟମାନେ ଶବରମାନଙ୍କ ଦୁର୍ଦ୍ଦଶା ଶୁଣି ଶନିବାର ଅପରାହ୍ନରେ ପିନ୍ଧାଲୁଗା, ପିଲାଙ୍କ ପ୍ୟାଣ୍ଟ ଶାର୍ଟ, ସ୍ୱିଟର ସମେତ କମ୍ବଳ ବୟସ୍କ ବୃଦ୍ଧାବୃଦ୍ଧଙ୍କୁ ବଣ୍ଟନ କରିଥିଲେ। ଆଗାମୀ ଦିନରେ ଏହି ଅଭାବୀ ପରିବାରକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ଟ୍ରଷ୍ଟ ସଭାପତି ମହାନ୍ତି କହିଛନ୍ତି। ଦିନକ ପରେ ଶବର ଆଦିବାସୀମାନଙ୍କ ମୁଖ୍ୟ ପର୍ବ ମକର ସଂକ୍ରାନ୍ତି। ଏହି ମୁଖ୍ୟପର୍ବରେ ଅଭାବୀ ପରିବାର ଲୋକମାନେ ଖଣ୍ଡେ ଖଣ୍ଡେ ନୂଆବସ୍ତ୍ର ପରିଧାନ କରିବା ପାଇଁ ଚିନ୍ତା ଘାରିଥିଲା। ଟ୍ରଷ୍ଟ ପକ୍ଷରୁ ନୂଆବସ୍ତ୍ର ଓ କମ୍ବଳ ପାଇଁ ୭୦ରୁ ଅଧିକ ପରିବାର ଲୋକ ବେଶ ଖୁସିବ୍ୟକ୍ତ କରିଛନ୍ତି। ଦୁଃଖୀ ଭକ୍ତାଙ୍କ ସମେତ ବହୁ ଆଦିବାସୀ ଶବର ପରିବାର ଲୋକ। ଏହି ବଣ୍ଟନରେ ଟ୍ରଷ୍ଟର ରଶ୍ମି ରଞ୍ଜନ ବାରିକ, ତପନ କୁମାର ନାଥ, ବୈଭବ ମହାନ୍ତି, କ୍ଷୀରୋଦ ପ୍ରଧାନ ଉପସ୍ଥିତ ଥିଲେ।

# ରାଜନୀତି ବିଜ୍ଞାନ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ପଟ୍ଟାମୁଣ୍ଡାଇ ୧୪।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ଓ ରାଜନଗର ଶ୍ରୀଜଗନ୍ନାଥ କଲେଜ ରାଜନୀତି ବିଜ୍ଞାନ ବିଭାଗ ମିଳିତ ସହଭାଗିତାରେ ଡେଭେଲପମେଣ୍ଟ, ଡେମୋକ୍ରେସୀ ଆଣ୍ଡ ପଲିଟିକ୍ସ ଇନ ଇଣ୍ଡିଆ-ରିସେଣ୍ଟ ଟ୍ରେଣ୍ଡ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ପଟ୍ଟାମୁଣ୍ଡାଇ କଲେଜରେ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଓ ସହକାରୀ ପ୍ରଫେସର ମିସ ସିଂ ଶୁଭଲକ୍ଷ୍ମୀ ବାଇଧର ପ୍ରମୁଖ ଯୋଗଦେଇ ଗଣତନ୍ତ୍ରର ମାନବ ସମାଜ ଉପରେ ପ୍ରଭାବ, ଗଣତନ୍ତ୍ର ବିକାଶ ପାଇଁ ମହିଳାମାନଙ୍କ ଭୂମିକା, ସରକାରଙ୍କ ନୀତି, ରାଷ୍ଟ୍ର ଓ ବ୍ୟକ୍ତିମାନଙ୍କ ବିକାଶ ନିମନ୍ତେ ସମାନ ସୁବିଧା ସୁଯୋଗ ଏବଂ ଦକ୍ଷତା ବୃଦ୍ଧି ପଦ୍ଧତି ଉପରେ ଆଲୋଚନା କରିଥିଲେ। ଅଧାପିକା ଶୁଭଶ୍ରୀ ପୋଥାଳଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ସର୍ବେଶ୍ୱର ସାହୁ ସନ୍ଦର୍ଭ ପାଠ କରିଥିଲେ। ଅଧାପିକା ନିବେଦିତା ପ୍ରଧାନ ଅତିଥି ପରିଚୟ ଓ ଅଧାପିକା ସୀମାଙ୍ଗିନୀ ଦାସ ଧନ୍ୟବାଦ ଦେଇଥିଲେ। ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧାପକ ପ୍ରତାପ ସ୍ୱାଇଁ ସମେତ ବିଭିନ୍ନ କଲେଜର ଅଧାପିକାଅଧାପକମାନେ ପ୍ରବନ୍ଧ ପାଠ କରିଥିଲେ। ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପ୍ରାଧାପକ ଡ. ସୁନୀଲ ପ୍ରଧାନ, ଡ. ଫକୀର ପ୍ରଧାନ, ରଞ୍ଜିତ ସେନାପତି, କ୍ୟାପଟେନ ମନୋଜ ପରିଡା, ଅଧାପକ ରଞ୍ଜନ ବେହୁରା, ଆଲୋକ ସାହୁ, ଅଧାପିକା ନିବେଦିତା ନାୟକ ଓ ମଧୁସ୍ମିତା ପରିଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ଓ ରାଜନଗର କଲେଜ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

# କ୍ରୀଡ଼ା ହିଁ ଧୈର୍ଯ୍ୟ, ଶୃଙ୍ଖଳା ଶିକ୍ଷା ଦିଏ

ଆଳି,୧୪।୧(ବନମାଳୀ ସେନାପତି)

## ଚକ୍ରଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତରେ ଥିବା ଚକ୍ରଧର ସରକାରୀ ଉଚ୍ଚ ବିଦ୍ୟାଳୟ, ଦହିସାହିର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ପ୍ରତିଯୋଗିତା ୩ ଦିନ ଧରି ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସୁଶାନ୍ତ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ରମେଶ କୁମାର ମହାନ୍ତି, ସୁଧୀର କୁମାର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ବ୍ୟକ୍ତି ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଶିକ୍ଷାରେ କ୍ରୀଡ଼ା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କ୍ରୀଡ଼ା ହିଁ ଧୈର୍ଯ୍ୟ ଓ ଶୃଙ୍ଖଳା ଶିକ୍ଷା ଦେଇଥାଏ। ଯେଉଁ ଖେଳାଳି ଯେତେ ଶୃଙ୍ଖଳିତ ସେ ସେତେ ଉନ୍ନତି କରିଥାଏ ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଅନେକ ପିଲା ବିଭିନ୍ନ ପ୍ରକାରର ଖେଳକୁଦରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିଲେ। ଶେଷ ତଥା ଉଦ୍‌ଯାପନୀ ଦିବସରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଉତ୍ସବକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହାପାତ୍ର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିଷିଦ୍ଧ କୁମାର ବାରିକ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ସଚ୍ଚିଦ୍ର କୁମାର ବେହୁରା ଓ ସମ୍ମାନିତ ଅତିଥି ସୁରେଶ ଚନ୍ଦ୍ର ଜେନା, ସିଙ୍ଗିରି ସରପଞ୍ଚ ଅକ୍ଷୟ କୁମାର ଦାସ, ଶିକ୍ଷାବିତ୍ ବିଜୟ କୁମାର ଦାସ, ଅଜୟ କୁମାର ନାୟକ, ସମିତିସଭ୍ୟ ପ୍ରତାପ କୁମାର ବାରିକ, ବିଶ୍ୱନାଥ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସଭାର ଅତିଥିମାନଙ୍କ ପରିଚୟ ପ୍ରିୟବ୍ରତ ସଞ୍ଜୟ କୁମାର ମହାଳିକ ପ୍ରଦାନ କରିଥିଲେ। ଉପାସନା ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକୁ ଶିକ୍ଷକ ହରିଶଙ୍କର ତରାଇ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଜୟନ୍ତ ବାରିକଙ୍କ ସହ ଅନ୍ୟ ଶିକ୍ଷକ ସହଯୋଗ ଓ ପରିଚାଳନା କରିଥିଲେ। ଅନସୂୟା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ଜଳିଗଲା ବାଇକ୍, ଅଳ୍ପକେ ବର୍ତ୍ତିଲେ ଆରୋହୀ

ପାତ୍ରପୁର,୧୪।୧(ଉମାଚରଣ ନେପାକ)

ପାତ୍ରପୁର ବ୍ଲକ ଡୁରୁବୁଡ଼ି ସତ୍ୟସାଇ ବିଦ୍ୟାମନ୍ଦିର ସାମ୍ନାରେ ରବିବାର ଗୋଟିଏ ବାଇକ୍ ଜଳିଯାଇଥିବା ବେଳେ ଆରୋହୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦିଗପହଣ୍ଡି ଚୌଧୁରୀ ଟିକରପଡ଼ା ଗ୍ରାମର ତାପସ ନାଇକ କୌଣସି କାମରେ ଡୁରୁବୁଡ଼ି ଯାଉଥିଲେ। ଡୁରୁବୁଡି ଗ୍ରାମ ପୂର୍ବରୁ ଥିବା ସତ୍ୟସାଇ ବିଦ୍ୟାମନ୍ଦିର ସାମ୍ନା ରାସ୍ତାରେ ଥିବା ହମ୍ପସ ପାଖରେ ବାଇକ୍‌ରୁ ଧୂଆଁ ବାହାରୁଥିବା ଦେଖି ଚାଳକ ଡେଇଁପଡ଼ିଥିଲେ। ଏହାର କିଛିକ୍ଷଣ ମଧ୍ୟରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଚାଳକ ଆହତ ହୋଇ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

### ରାଇକିଆ ନାଗରିକ ମଞ୍ଚର ବନ୍ଧୁ ମିଳନ

ରାଇକିଆ,୧୪।୧(ପ୍ରଦୀପ ବେହେରା)

ରାଇକିଆ ନାଗରିକ ମଞ୍ଚର ବନ୍ଧୁମିଳନ ରବିବାର ରାମମୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ବର୍ଷର ଅଭିନନ୍ଦନ ସହ ଆଗାମୀ ଦିନରେ ମଞ୍ଚର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ସନ୍ତୋଷ ନାୟକ, ସମ୍ପାଦକ ମାନେଶ୍ୱର ଦିଗାଲ, କୋଷାଧ୍ୟକ୍ଷ ବାଇନାଥ ଦାସ, ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ଏବଂ ସଦସ୍ୟମାନେ ଯୋଗ ଦେଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ରମ୍ଭା,୧୪।୧(ବନବାସୀ ସେଠୀ)

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବରିଷ୍ଠ ନାଗରୀକ ମଞ୍ଚ , ଡ. ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବଲ ଟ୍ରଷ୍ଟ ଖଲ୍ଲିକୋଟ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସଭା ଗୃହରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ସଂଘର ବରିଷ୍ଠ ନାଗରିକ ମଞ୍ଚ ସଭାପତି ଡ଼. ହର ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଦିଲୀପ କୁମାର ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ଶତପଥି, ପ୍ରମୋଦ କୁମାର ପଟ୍ଟନାୟକ, ଡ. ଏପିଜେ ଅବଦୁଲ କଲାମ ଜନ କଲ୍ୟାଣ ଚାରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ବେହେରା, ଡ଼. ଦ୍ୱାରିକା ନାଥ ମହାରଣା, ଲକ୍ଷ୍ମୀ ଦାସ, ଦେବୀକୃପା ସଫ୍ଟ ଡ୍ରିଙ୍କ ପ୍ରୋପାଇଟର ଗୌରୀ ଶଙ୍କର ପାତ୍ର, ପ୍ରମୋଦ ସିଂ ଯୋଗଦାନ କରିଥିଲେ।

### ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ବୈଠକ

ଧରାକୋଟ,୧୪।୧(ଡି.ଏନ୍.ଏ)

ଧରାକୋଟ ବ୍ଲକ ଅନ୍ତର୍ଗତ ବଳରାମପୁର ସେବାଶ୍ରମ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶରତ ବେହେରାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ଦାଶ ଛାତ୍ରୀଛାତ୍ରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଏହାର ସମୟ ସୀମା ଚଳିତ ମାସ ୧୫ ତାରିଖରୁ ୩୧ ଯାଏ ରହିଛି। ଏଥି ମଧ୍ୟରେ ଆବେଦନ ପ୍ରକ୍ରିୟା ଚାଲୁ ରହିବ ଏବଂ ଫେବୃଆରିରେ ଚୟନ କରାଯାଇ ପଦବୀ ସ୍ୱୀକୃତି ନିମନ୍ତେ ଜିଲା ପ୍ରଶାସନକୁ ଜଣାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ବୈଠକରେ ପ୍ରାୟତଃ ଦୁଇଶହ ଜଣ ଅଭିଭାବକ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ବେହେରା, ଦାଶରଥି ବେହେରା, କାଳୁ ଚରଣ ଗୌଡ଼, ତରୁଣ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

### ନୂତନ ସାଇ ବର୍ଷ ପାଳିତ

ଆସିକା, ୧୪।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସତ୍ୟସାଇ ସେବା ସମିତିପକ୍ଷରୁ ରବିବାର ସମିତି ପରିସରରେ ନୂତନ ସାଇ ବର୍ଷ ପାଳିତ ହୋଇଥିଲା। ଏହି ଅବସରରେ ଭୋରରୁ ଓମ୍‌କାର, ନଗର ସଂକୀର୍ତ୍ତନ, ଷୋଡଶ ଉପଚାର ପୂଜା ପରେ ଆବାହକ ଗଙ୍ଗାଧର ଗୌଡ ପ୍ରଶାନ୍ତ ଧ୍ୱଜା ଉତ୍ତୋଳନ କରିଥିଲେ । ଲକ୍ଷ୍ୟାର୍ଚ୍ଚନା ପୂଜା ପରେ ସନ୍ଧ୍ୟାରେ ଭଜନ ଓ ନୂତନ ବର୍ଷ ପାଇଁ ସଦସ୍ୟଙ୍କ ଶପଥ ପାଠ କରାଯାଇଥିଲା । ଜିଲା କାର୍ଯ୍ୟକର୍ତ୍ତା ଅଜିତ ପଟ୍ଟନାୟକ ନୂତନ ବର୍ଷ ଲାଗି ଭଗବାନ ସତାସାଇବାବାଙ୍କ ଦିବ୍ୟବାଣୀ ଉପସ୍ଥାପନ କରିଥିଲେ । ବୁଦ୍ଧିରାମ ନାହାକ, କାମେଶ୍ୱର ରାଓ, ଧନଞ୍ଜୟ ମହାପାତ୍ର, ଭବାନୀ ପଟ୍ଟନାୟକ, ମନୋଜ ଦାଶ, ପ୍ରଣତି ପଟ୍ଟନାୟକ, ଡା. ଜୟପ୍ରଦା ମହାପାତ୍ର, ରୁବିରାଣୀ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବନ ସଂରକ୍ଷକଙ୍କ ବାସଭବନ ମେଡିକାଲ ହେବ

**୧୨ କୋଟି ବ୍ୟୟରେ ୩୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ କେନ୍ଦ୍ର ହେବ**

ଭଞ୍ଜନଗର,୧୪।୧(ବାବୁଲା ପ୍ରଧାନ)



ବନ ସଂରକ୍ଷକଙ୍କ ଅବ୍ୟବହୃତ ସରକାରୀ ବାସଭବନ।

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ ଆଧୁନିକରଣ ସହ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ୫-ଟି ମାଧ୍ୟମରେ ୪ କୋଟି ଟଙ୍କା ବ୍ୟୟରେ ମେଡିକାଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଏଥିସହ ୩୦ ଶଯ୍ୟା ବିଶିଷ୍ଟ ନୂତନ ମାତୃ ଓ ଶିଶୁ କେନ୍ଦ୍ର (ଏମସିସି) ନିର୍ମାଣ ହେବ। ଏଥିରେ ପ୍ରସୂତି ଏବଂ ନବଜାତ ଶିଶୁମାନଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ରହିବ। କିନ୍ତୁ ମେଡିକାଲ ପରିସରରେ ଏମସିସି ନିର୍ମାଣ ପାଇଁ ଆବଶ୍ୟକ ସ୍ଥାନ ଅଭାବ ରହିଛି। ତେଣୁ ମେଡିକାଲ ନିକଟରେ ଥିବା ବନ ସଂରକ୍ଷକଙ୍କ ଅବ୍ୟବହୃତ ବାସଭବନକୁ ଏମସିସି କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଛି। କାଗଜପତ୍ର କାମ ସରିବା ପରେ ମେଡିକାଲ କାମ ଆରମ୍ଭ ହେବ। ନୂତନ ୩୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ କେନ୍ଦ୍ର ପାଇଁ ୧୧ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟ ହେବ। ଏଥିସହ ଅନ୍ୟାନ୍ୟ ବାବଦକୁ ଆଉ କିଛି ଅର୍ଥ ବ୍ୟୟ ହେବ। ତେଣୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ । ସୂଚନାଯୋଗ୍ୟ ଯେ, କରୋନା ପୂର୍ବରୁ ୨୦୧୭ରେ ୫୦ ଶଯ୍ୟା ଏମସିସି ନିର୍ମାଣ ପାଇଁ ସରକାର ବ୍ୟୟ ଆକଳନକୁ ସଂଶୋଧନ କରି ୧୯ କୋଟି ଟଙ୍କା ଦେଇଥିଲେ। ଏହାପରେ ମେଡିକାଲ ପରିସରରେ ଥିବା ଜମିକୁ ଚିହ୍ନଟ କରାଯାଇଥିଲା। କିନ୍ତୁ ଏମସିସି ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜମି ପର୍ଯ୍ୟାପ୍ତ ହୋଇନଥିଲା। ତେଣୁ ଟଙ୍କା ୨୦୨୦ ମସିହାରେ ଫେରି ଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ପୁଣି ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ ମେଡିକାଲ ବାହାରେ କମ ଦୂରତାରେ ଆବଶ୍ୟକ ରାସ୍ତା ଥାଇ ଜମି ମିଳିଲେ ମଧ୍ୟ ଏମସିସି ହୋଇପାରିବ ବୋଲି ନିର୍ଦ୍ଦେଶ ଆସିଥିଲା। ଏହାପରେ ପ୍ରାୟ ୧୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ଅବ୍ୟବହୃତ ଅବସ୍ଥାରେ ଥିବା ବନ ସଂରକ୍ଷକଙ୍କ ବାସଭବନ ଉପରେ ପ୍ରଶାସନର ନଜର ପଡିଥିଲା। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ରାଜସ୍ୱ ବିଭାଗ ଏବଂ ବନ ବିଭାଗର ମିଳିତ ସହଯୋଗରେ ବର୍ତ୍ତମାନ ତାହାକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ଚାଲିଛି। ଜମି ପଟ୍ଟା ହେବା ପରେ ମେଡିକାଲ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏନେଇ ପୂର୍ତ୍ତ ବିଭାଗ ଅଧିକ୍ଷଣଯନ୍ତ୍ରୀ ଆଶିଷ କୁମାର ନାୟକ କହିଛନ୍ତି, ଟେଣ୍ଡର ପେପର ଖୋଲିବା ପରେ କାମ ଆରମ୍ଭ ପାଇଁ ପଦକ୍ଷେପ ନିଆଯିବ।

# ପାଲିଆ ସମ୍ରାଟଙ୍କ ସ୍ମୃତିଚାରଣ ସଭା



ପାଲିଆ ସମ୍ରାଟ ଲକ୍ଷ୍ମଣ ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସରରେ ପାଲିଆ ସମ୍ରାଟ ଲକ୍ଷ୍ମଣ ପରିଡ଼ାଙ୍କ ଦ୍ୱାଦଶାହ ଅବସରରେ ଶନିବାର ସ୍ମୃତିଚାରଣ ସଭା ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମା'ଦକ୍ଷିଣ କାଳୀ ପାଲା ଗାୟକ ମଣ୍ଡଳ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ରାଜ୍ୟ ପାଲାଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତ ଦର୍ଶୀ ମଦନ ମୋହନ ଜେନା ଯୋଗ ଦେଇଥିଲେ । ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ଗାୟକ କଳାନିଧି ମନୋଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ରୂପେ ଇଞ୍ଜିନିୟର ଶରତ କୁମାର ନାୟକ, ସମ୍ମାନିତ ଅତିଥି ରୂପେ ରାଜ୍ୟ ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ଯୁଧିଷ୍ଠିର ପରିଜା, ଗାୟକ ଭାସ୍କର ଚନ୍ଦ୍ର ସାହୁ, ବାୟକ ସମ୍ରାଟ ଗୋବର୍ଦ୍ଧନ ବେହେରା, ଓଡିଶା ପାଲିଆ ପ୍ରତିନିଧି ବୃନ୍ଦାବନ ପରିଜା ଓ ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ସମ୍ପାଦକ ଲମ୍ବୋଦର ବେହେରା ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ । ବେଦ ପାଠ କରିଥିଲେ ଗାୟକ ନାରାୟଣ ଶୁକ୍ଳ । ପାଲାଗାୟକ ଫକୀର ଚମ୍ପତି ଓ ପଞ୍ଚାନନ ସାହୁ ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଅଶୋକ କୁମାର ପ୍ରଧାନ । ସୂଚନା ଅନୁଯାୟୀ, ଗତ ୧ ତାରିଖରେ ବଡପଣ୍ଡୁସରର ଲକ୍ଷ୍ମଣ ପରିଡା(୬୫) ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସେ ପାଲାରେ ଅତି ସୁନ୍ଦର ଭାବେ ଭଜନ ପରିବେଷଣ କରି ପାଲିଆ ସମ୍ରାଟ ରୂପେ ପରିଚିତ ହୋଇ ପାରିଥିଲେ । ତାଙ୍କ ମୃତ୍ୟୁରେ ପାଲା ଜଗତର ଅଶେଷ କ୍ଷତି ହେଲା ବୋଲି ବକ୍ତାମାନେ କହିଥିଲେ । କଟକ, ପୁରୀ, ନୟାଗଡ଼ ଜିଲାର ବାୟକ, ଗାୟକ, ପାଲିଆ ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗ ଦେଇଥିଲେ ।

# ଜନଶକ୍ତି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଉଦଯାପନୀ ଉତ୍ସବରେ କ୍ରୀଡା ପତାକାକୁ ଅବତରଣ କରାଯାଉଛି।

ନୂଆଗାଁ ୧୪।୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ସରକାରୀ ଜନଶକ୍ତି ଉଚ୍ଚ ବିଦ୍ୟାଳୟରେ ଦୁଇଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ସ୍କୁଲ ତରଫରୁ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୭୬ କ୍ରୀଡା ପ୍ରତିଯୋଗିତାରେ ପ୍ରାୟ ୨୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । ବାର୍ଷିକ କ୍ରୀଡା ଉତ୍ସବର ଉଦଯାପନୀ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ମିଶ୍ର , ସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ , ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କ୍ରୀଡାବିତ୍‌ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଦୁଇଧରି ଚାଲିଥିବା କ୍ରୀଡା ଉତ୍ସବକୁ ନୂଆଗାଁ ବ୍ଲକର ସୁପରିଚିତ ଖେଳ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ନେଇ ପ୍ରସ୍ତୁତି ବୈଠକ

ଛତ୍ରପୁର, ୧୪।୧ (ଦିଲ୍ଲୀପ ସାମଲ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆମ ଓଡିଶା-ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତସ୍ତରରେ ଲୋକଙ୍କୁ ବିଭିନ୍ନ ଯୋଜନା ସହିତ ପଞ୍ଚାୟତର ବିକାଶ କାର୍ଯ୍ୟ ସମ୍ପର୍କରେ ସଚେତନତା କରାଯିବ। ଆସନ୍ତା ୧୭ ତାରିଖ ଠାରୁ ଛତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ବୋଲି ବିଡିଓ ସୁଶାନ୍ତ କୁମାର ବରାଳ ସୂଚନା ଦେଇଛନ୍ତି । ଏହା କିପରି ସଫଳ ହୋଇପାରିବ ସେଥି ସକାଶେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପଞ୍ଚାୟତ ପ୍ରତିନିଧି ଓ ଲାଇନ ବିଭାଗର ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷ ଏସ. ସାରଦା ରେଡ୍ଡୀ, ଏବିଡିଓ ଜୟଶ୍ରୀ ନାୟକ, ବ୍ଲକ ଫାଇନାନ୍ସ ଅଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ପ୍ରତିଯୋଗିତାରେ କଣ୍ଟିଲୋ ଛାତ୍ରୀ ପୁରସ୍କୃତ

ଖଣ୍ଡପଡ଼ା,୧୪।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍‌ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ତୃତୀୟ ବାର୍ଷିକ ଛାତ୍ରୀ ମାହେଶ୍ୱରୀ ସ୍ୱାତୀସ୍ୱପ୍ନା ବିଶ୍ୱାଳ ଜିଲାସ୍ତରୀୟ ପୂର୍ବରୁ ପ୍ରସ୍ତୁତ ହୋଇ ନ ଥିବା ବିଷୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାର ନୟାଗଡ଼ଠାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଶୁକ୍ରବାର ମାହେଶ୍ୱରୀ ପୁରସ୍କାର ରାଶି ୧୦ ହଜାର ଟଙ୍କା ଚେକ୍ ସହିତ ମାନପତ୍ର, ଫଳକ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କଠାରୁ ଗ୍ରହଣ କରିଛନ୍ତି । ଏହି ଅବସରରେ ଲାଠିପଡ଼ା ମଡେଲ ଡ଼ିଗ୍ରୀ କଲେଜଠାରେ ଆୟୋଜିତ ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ନୟାଗଡ଼ ଉପ ଜିଲାପାଳ ଶକ୍ତିକାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।



ମାହେଶ୍ୱରୀ ସ୍ୱାତୀସ୍ୱପ୍ନା ବିଶ୍ୱାଳଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରୁଛନ୍ତି।

# ବୁଢ଼ାମ୍ବରେ ବିପିଏଲ କ୍ରିକେଟ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ

କବିସୂର୍ଯ୍ୟନଗର, ୧୪।୧ (କୃପାସିନ୍ଧୁ ସ୍ୱାଇଁ)



ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଉପସ୍ଥିତ ବ୍ଲକ ଉପାଧ୍ୟକ୍ଷ, ଏମ୍‌ପି ପ୍ରତିନିଧି ଓ ଅନ୍ୟମାନେ।

କବିସୂର୍ଯ୍ୟନଗର ବୁଢ଼ାମ୍ବ ଶ୍ରୀରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିପିଏଲ କ୍ରିକେଟ ପ୍ରିମିୟର ଲିଗ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆସିକା ଏମପି ପ୍ରତିନିଧି ସତ୍ୟବାନ ସାହୁ, ସମ୍ମାନିତ ଅତିଥି ଜିଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ ସେଠି, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ରିସିପୁର ସରପଞ୍ଚ ପ୍ରତିନିଧି ଦଣ୍ଡ ବେହେରା, ଶିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ, ସୁବଳୟା ସରପଞ୍ଚ ରାଜେନ୍ଦ୍ର ପ୍ରଧାନ, ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ, ବଡ଼ମହୁରୀ ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ, ବରିଡା ସମିତି ପ୍ରତିନିଧି ଧୀରଜ ସାହୁ, ବାଉଁସିଆ ସମିତି ପ୍ରତିନିଧି ଗୋପୀନାଥ ନାୟକ, ପାଇକ ଯମୁନା ସମିତି ସଭ୍ୟ ଟୁନା ବିଷୋୟୀ ଓ ଆସିକା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା କଳ୍ପନା ଭୋଳ ଉପସ୍ଥିତ ଥିଲେ।

# ଭୋଟର ସଚେତନତା ରଥ ପରିକ୍ରମା

ଖଣ୍ଡପଡ଼ା,୧୪।୧ (ଅଜୟ କୁମାର ମହରଣା)

ସାଧାରଣ ଭୋଟରଙ୍କୁ ସଚେତନ କରାଇବାର ଲକ୍ଷ୍ୟ ନେଇ ଶନିବାରଠାରୁ ଖଣ୍ଡପଡ଼ା ସହର ସମେତ ଆଖପାଖ ପଞ୍ଚାୟତ ପରିକ୍ରମା ଆରମ୍ଭ କରିଛି ଭୋଟର ସଚେତନତା ରଥ। ନୟାଗଡ଼ା ଜିଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତ ଭୋଟର ସଚେତନତା ରଥ ପରିକ୍ରମା କରିବ ବୋଲି ବ୍ଲକ୍ ପ୍ରଶାସନ ସୂତ୍ରରୁ ଜଣାପଡିଛି । ବ୍ଲକ କାର୍ଯ୍ୟାଳୟ ପରିସରରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଟ ଓ ବ୍ଲକ୍ ପ୍ରଶାନିକ ଅଧିକାରୀମାନେ ଭୋଟର ସଚେତନତା ରଥକୁ ସ୍ୱାଗତ କରିଥିଲେ ।

ଆସନ୍ତା ସାଧାରଣ ନିର୍ବାଚନରେ ଭୋଟରମାନେ କିଭଳି ଇଭିଏମ୍ ଓ ଭିଭିପାଟ ମେଶିନ ସହାୟତତାରେ ଭୋଟ ଗ୍ରହଣ କେନ୍ଦ୍ରରେ ନିରାପଦରେ ମତଦାନ ସାବ୍ୟସ୍ତ କରିପାରିବେ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ ଏହି ରଥ ବୋଲି ସୂଚନା ମିଳିଛି ।

# ଗଜପତି ଜିଲାରେ ୨୮ ବିଦ୍ୟାଳୟ ଉଦ୍‌ଘାଟିତ

ମୋହନା,୧୪।୧(ମନ୍ମଥ ମିଶ୍ର)

ଚତୁର୍ଥ ପର୍ଯ୍ୟାୟ ୫-ଟି ରୂପାନ୍ତରିତ ମାଧ୍ୟମରେ ଗଜପତି ଜିଲାରେ ୨୮ଟି ବିଦ୍ୟାଳୟକୁ ରବିବାର ଭର୍ଚୁଆଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ଏଥି ଉପଲକ୍ଷେ ମୋହନା ବ୍ଲକ ଆଲିଗଣ୍ଡା ଗ୍ରାମସ୍ଥିତ ସିଏନ୍ ନିର୍ମଳା ବାଳିକା ହାଇସ୍କୁଲଠାରେ ଜିଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନରେ ସରକାରଙ୍କ ଭୂମିକା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ତୃତୀୟ ପର୍ଯ୍ୟାୟ ସୁଦ୍ଧା ଜିଲାର ୧୧୬ଟି ବିଦ୍ୟାଳୟ ୫-ଟି ମାଧ୍ୟମରେ ରୂପାନ୍ତରିତ ହୋଇସାରିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# କୋଦଳା, ବେଗୁନିଆପଡ଼ାରେ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଆବଶ୍ୟକ ୨୩, ଅଛନ୍ତି ୨ ଡାକ୍ତର**

କୋଦଳା,୧୪।୧(ଅମିତ୍ କୁମାର ପଟ୍ଟନାୟକ)




କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ରାଜ୍ୟ ସରକାର ୫-ଟି ଜରିଆରେ ବିଭିନ୍ନ ଚିକିତ୍ସାକେନ୍ଦ୍ରକୁ କୋଟି କୋଟି ଟଙ୍କା ବିନିମୟରେ ବହୁ ଉନ୍ନୟନ କାର୍ଯ୍ୟ କରୁଥିବା ବେଳେ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରମରୁଡ଼ି ଦେଖାଦେଇଛି। ଏହିପରି ଅବସ୍ଥାରେ ଡାକ୍ତର ନ ଥିବା ବେଳେ ସାମାନ୍ୟ ରୋଗରେ ପୀଡ଼ିତ ଦୂରଦୂରାନ୍ତ ଚିକିତ୍ସାଳୟ କିମ୍ବା ବେସରକାରୀ ଚିକିତ୍ସା ଉପରେ ନିର୍ଭରକରି ଖର୍ଚ୍ଚାନ୍ତ ହେଉଥିବା ଦେଖିବାକୁ ମିଳୁଛି, ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି କୋଦଳା ଏନ୍ଏସିରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବେଗୁନିଆପଡ଼ା ବ୍ଲକରେ ଥିବା ସୁମଣ୍ଡଳ ଚିକିତ୍ସାକେନ୍ଦ୍ର ଏବଂ ବେଗୁନିଆପଡ଼ା ଚିକିତ୍ସାକେନ୍ଦ୍ର। ଏହିସବୁ ଚିକିତ୍ସା କେନ୍ଦ୍ରରେ ମୋଟ ୨୩ ଡାକ୍ତରଙ୍କ ଆବଶ୍ୟକ ଥିବା ବେଳେ ଚିକିତ୍ସା କରୁଛନ୍ତି ମାତ୍ର ଦୁଇଜଣ। ଡାକ୍ତର ଆଇପିହେଚ୍ଏସ୍ ଅନୁସାରେ କୋଦଳା ଚିକିତ୍ସାକେନ୍ଦ୍ରରେ ପାଞ୍ଚଜଣ ଏମ୍‌ବିବିଏସ୍, ଜଣେ ଶିଶୁରୋଗ ବିଶେଷଜ୍ଞ, ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଔଷଧ ବିଶେଷଜ୍ଞ, ଅସ୍ତ୍ରୋପଚାର ବିଶେଷଜ୍ଞ ଏବଂ ଅନ୍ୟ ଜଣେ ବିଶେଷଜ୍ଞ ସହ ମୁଖ୍ୟ ଚିକିତ୍ସା ଅଧିକାରୀ ରହିବା କଥା। ତେବେ ୧୧ ଜଣ ଚିକିତ୍ସକ ଆବଶ୍ୟକ ଥିବା ବେଳେ କେହିବି ସ୍ଥାୟୀ ଚିକିତ୍ସକ ନାହାନ୍ତି। ଫଳରେ ୩ ଜଣଙ୍କୁ ଆସନ୍ତା ୧୬ ତାରିଖ ଯାଏ ଡେପୁଟେଶନ ହୋଇଛି। ସେହିପରି ମୁଖ୍ୟ ଚିକିତ୍ସାଧିକାରୀ ନ ଥିବାରୁ ବେଗୁନିଆପଡା ଡାକ୍ତରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ଏବଂ ବେଗୁନିଆପଡାରେ ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ ଛାଡ଼ି ଦିଆଯାଇଛି। କୋଦଳା ଚିକିତ୍ସା କେନ୍ଦ୍ରରେ ଫାର୍ମାସିଷ୍ଟ ୩ଜଣ ସ୍ଥାନରେ ଅଛନ୍ତି ଜଣେ, ଆଟେଣ୍ଡାଣ୍ଟ ୪ ସ୍ଥାନରେ ଦୁଇଜଣ, ନର୍ସ ୧୨ ସ୍ଥାନରେ ମାତ୍ର ୬ ଜଣ ରହିଛନ୍ତି। ସେହିପରି କୋଦଳା ପରି ସୁମଣ୍ଡଳ ଚିକିତ୍ସାକେନ୍ଦ୍ରରେ ସମାନ ସଂଖ୍ୟକ ଡାକ୍ତରଙ୍କ ଆବଶ୍ୟକତା ଥିବା ବେଳେ ଜଣେମାତ୍ର ସର୍ଜରି ଡାକ୍ତରଙ୍କ ଭରସାରେ ଚାଲିଛି। ଏଠାରେ ନର୍ସ ୮ ଜଣ ଆବଶ୍ୟକ ଥିବା ବେଳେ ମାତ୍ର ଦୁଇଜଣ ରହିଛନ୍ତି। ସେପଟେ ବେଗୁନିଆପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ କେହି ଷ୍ଟାଫ୍ ନ ଥିବା ବେଳେ ଜଣେମାତ୍ର ଆୟୁଷ ଡାକ୍ତର ଚିକିତ୍ସାକେନ୍ଦ୍ର ଚଳାଉଛନ୍ତି, ଯାହା ରୋଗୀଙ୍କ ଜୀବନ ଉପରେ ପ୍ରଭାବ ପକାଉଛି। କୋଦଳା ଏବଂ ବେଗୁନିଆପଡ଼ା ଅଞ୍ଚଳର ଲକ୍ଷାଧିକ ଲୋକ ଉକ୍ତ ଡାକ୍ତରଖାନା ଉପରେ ନିର୍ଭର କରୁଥିବାରୁ ରାଜ୍ୟ ସରକାର ତୁରନ୍ତ ଡାକ୍ତର ପଦବୀ ପୂରଣ ପାଇଁ ଦାବି ହେଉଛି।

# ତଟାଞ୍ଚଳରେ ଜିଲାର ୭ ନଦୀକୁ ସଂଯୋଗ କରାଯାଉ

କେନ୍ଦ୍ରାପଡ଼ା, ୧୪।୧ (ଜଗନ୍ନାଥ ଧଳ)

■ ବର୍ଷାଦିନ ପୂର୍ବରୁ ନଦୀବନ୍ଧ ମରାମତି ଦାବି
■ ଲୁଣା ତଟବନ୍ଧରେ ପଥର ପ୍ୟାକିଂ ଖସୁଛି

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଞ୍ଚଳର ଗୋବିନ୍ଦପୁର, ଡିମିରିପାଳ, ପେଟପଡ଼ା, ସଂସିଧା, ଏରଡଙ୍ଗ, ଦେସାହି, ପାଳମୀ, କେତୁଆପାଳ ଆଦି ୧୦ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି। ବାଲକାଟି, କୋଳଡିହ ଓ ମଧୁ ଗ୍ରାମକୁ ଖରସ୍ରୋତା ଗିଳି ଚାଲିଛି। ଚୂନବନ୍ଧଠାରୁ ସାନଆଙ୍ଗୋ, ପତ୍ରପୁରଠାରୁ ଗୋପାଳପୁର, ଚୁଙ୍ଗାଠାରୁ ବଉଳଯୋଡି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ୍ୟ ଶୋଚନୀୟ ଅବସ୍ଥାରେ ଅଛି। କେବଳ ଆଳି ବ୍ଲକ ଅଞ୍ଚଳରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ। ଜିଲାର ୭ ନଦୀ ଓ ୨୭ ଶାଖା କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ବନ୍ୟାରେ ଚାଷ ନଷ୍ଟ ହେଉଛି। ନଦୀ ବନ୍ୟାଜଳ ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ଟି ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି। ପ୍ରଶାସନ ପକ୍ଷରୁ ଏହି ନଦୀବନ୍ଧକୁ ବର୍ଷାଦିନେ ମରାମତି କରାଯାଉଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରୁଛନ୍ତି। ତଟବନ୍ଧ ପଥରପ୍ୟାକିଂ ନ ଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି। ମେ' ମାସ ସୁଦ୍ଧା ସମସ୍ତ ନଦୀ, କେନାଲ ବନ୍ଧ ମରାମତି କାର୍ଯ୍ୟ ସାରିବା ଓ ସମୁଦ୍ରରେ ପଡିଥିବା ୭ ନଦୀକୁ ଏକ ବୃହତ୍ କେନାଲ ମାଧ୍ୟମରେ ସଂଯୋଗୀକରଣ କରି ବନୀକରଣକୁ ଗୁରୁତ୍ୱ ଦିଆଯିବାକୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଜଳ ସମ୍ପଦ ବିଭାଗର ଦୁଇ ଡିଭିଜନ ସହିତ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି। ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି। ସେହିପରି ଜିଲାର ଶେଷ ମୁଣ୍ଡରେ ଥିବା ୪୮ କିଲୋମିଟର ଲମ୍ବର ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି। ଏହାସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସେହିପରି ପ୍ରତିବର୍ଷ ବନ୍ୟା ଭୟରେ ୫୫ଟି ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି। ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ବର୍ଷାଦିନକୁ ଛାଡ଼ି ଅନ୍ୟ ଋତୁରେ କାର୍ଯ୍ୟ ହୋଇପାରନ୍ତା। ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ଚିହ୍ନିତ ନଦୀବନ୍ଧରେ ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି। ଯୋଜନାର ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଏବେଠାରୁ ବନ୍ୟା ପ୍ରପୀଡିତ ଅଞ୍ଚଳକୁ ଚିହ୍ନଟୀକରଣ ସହ ଆସନ୍ତା ମେ' ମାସ ସୁଦ୍ଧା ବନ୍ଧ ସୁଦୃଢ଼ୀକରଣ ପାଇଁ ସେ ଦାବି କରିଛନ୍ତି।


କେନ୍ଦ୍ରାପଡ଼ା ଲୁଣା ନଦୀରେ ପଥର ପ୍ୟାକିଂ ଖସିଯାଇଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି। ସମୁଦ୍ର ମୁହାଣ ପୋତି ହେଉଛି। ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ହୋଇପାରୁନାହିଁ। ଏହା ବ୍ୟତୀତ ଜାନୁଆରୀଠାରୁ ନଦୀଗୁଡ଼ିକ ଶୁଖିବା ଆରମ୍ଭ ହେଲାଣି। ଫଳରେ ସ୍ଥାନୀୟ ଚାଷ ସହିତ ହେନ୍ତାଳବଣ ନଷ୍ଟ ହେଉଛି। ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ଏକ ବଡ଼ ସମସ୍ୟା ହୋଇଛି। ୨୦୨୦ ମସିହାରେ ରାଜନଗର ବ୍ଲକର ସାତଭାୟାବାସୀ ୧୫ କିଲୋମିଟର ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ଜିଓ ସିନ୍ଥେଟିକ ଟ୍ୟୁବ୍‌ୱାଲ ଜୁଆର ମାଡ଼କୁ ସହି ପାରୁନାହିଁ। ଏଥିପାଇଁ ସମୁଦ୍ରର ୧୫ କିଲୋମିଟର ଦୂରରେ ନଦୀର ଶେଷମୁଣ୍ଡକୁ ଯୋଡି ତଟାଞ୍ଚଳରେ ଏକ ବୃହତ୍ କେନାଲ ଖୋଳାଯିବା ଆବଶ୍ୟକ ହୋଇଛି। ଏହାଦ୍ୱାରା ଖରାଦିନେ ଆବଶ୍ୟକ ପରିମାଣର କ୍ଷେତ ଓ ଜାତୀୟ ଉଦ୍ୟାନ ଭିତରକନିକାକୁ ମଧୁର ଜଳ ଛଡ଼ା ଯାଇପାରିବ। ସେହିପରି ନଦୀ, କେନାଲରେ ବ୍ୟାରେଜ ଓ କ୍ରିକ ବନ୍ଧ ପାଇଁ ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଜିଲା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଚଳିତବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି। ଖରାଦିନ ମଧ୍ୟରେ ଏହାର ମରାମତି ହୋଇଯିବ। ୭ ନଦୀ ସଂଯୋଗୀକରଣ ସମ୍ପର୍କରେ ଅଦ୍ୟାବଧି କୌଣସି ପ୍ରସ୍ତାବ ନାହିଁ। ସ୍ଥାନ ଚିହ୍ନଟ, ଲୋକଙ୍କ ବିସ୍ଥାପନ, ପରିବେଶ ଓ ପରିସ୍ଥିତି ଅନୁଧ୍ୟାନ ପରେ ଏପରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ କହିଛନ୍ତି।

# ୯ ଦିନ ପରେ ଖୋଲିଲା ଭିତରକନିକା


ନେଦରଲାଣ୍ଡରୁ ଆସିଥିବା ୪ ପର୍ଯ୍ୟଟକ ଭିତରକନିକା ବୁଲୁଛନ୍ତି।

ରାଜନଗର, ୧୪।୧ (ଭାସ୍କର ରାଉତରାୟ)

## ପ୍ରଥମ ଦିନରେ ୪ ବିଦେଶୀଙ୍କ ସହ ୧୪୫୧ ପର୍ଯ୍ୟଟକ

ଦୀର୍ଘ ୯ ଦିନ ଧରି ଭିତରକନିକା ବନ୍ଦ ରହିଥିବା ବେଳେ ରବିବାର ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ଭିତରକନିକାକୁ ପ୍ରଥମ ଦିନରେ ସୁଦୂର ନେଦରଲାଣ୍ଡରୁ ଆସିଥିବା ୪ ବିଦେଶୀଙ୍କ ସହ ୧୪୫୧ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ କରିଛନ୍ତି। ଭିତରକନିକା ଜାତୀୟ ଉଦ୍ୟାନ ପରିଭ୍ରମଣ ପାଇଁ ମୁଖ୍ୟଫାଟକ ଦେଇ ୫୩୫ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ୪୦୦ଜଣ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ୨୩ଟି ବୋଟ୍‌ରେ ନୌବିହାର କରିଛନ୍ତି। ଖୋଳା ଏଣ୍ଟ୍ରି ପଏଣ୍ଟ ଦେଇ ୬୪ଟି ବୋଟ୍‌ରେ ୫୮୮ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୨ଟି ବୋଟ୍‌ରେ ୧୩୨ ପର୍ଯ୍ୟଟକ ଏବଂ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୨ଟି ବୋଟ୍‌ରେ ୧୯୬ଜଣ ପର୍ଯ୍ୟଟକ ନୌକାବିହାର କରିଥିଲେ। ପର୍ଯ୍ୟଟକମାନେ ଶହୀଦ ସ୍ତମ୍ଭ, ବୋଟ୍ ଲାଇବ୍ରେରି, ମ୍ୟୁଜିୟମରେ ଥିବା ଅଲିଭ୍ ରିଡ୍‌ଲେ କଇଁଛ ଏବଂ ୨୩ ଫୁଟରୁ ଊର୍ଦ୍ଧ୍ୱ ଲମ୍ବର ବଉଳା କୁମ୍ଭୀର କଙ୍କାଳ, କାଚ ଜାର୍‌ରେ ସଂରକ୍ଷିତ ଥିବା ଭିତରକନିକାରେ ଦୃଶ୍ୟମାନ ହେଉଥିବା ବିଭିନ୍ନ ଜୀବଜନ୍ତୁ ଓ ସରୀସୃପଙ୍କୁ ଦେଖିଥିଲେ। ଏହାସହ ହେନ୍ତାଳବଣ, ପଦ୍ମପୋଖରୀ, ଭିତରକନିକା ଗଛଗୁଡ଼ିକରେ ଦେଶୀ ଓ ବିଦେଶୀ ପକ୍ଷୀ, ନଦୀର ଦୁଇପାର୍ଶ୍ୱରେ ଖରା ପୋଉଁଥିବା ବଉଳା କୁମ୍ଭୀର ସହ ଜାତୀୟ ଉଦ୍ୟାନର ଆବଦ୍ଧ ପୋଖରୀରେ ଶଙ୍ଖୁଆ କୁମ୍ଭୀର, ଗୋରୀ, ମଲ୍ଲି, ଶ୍ୱେତାକୁ ପର୍ଯ୍ୟଟକମାନେ ବୁଲି ଦେଖିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ବିଦେଶାଗତ ପକ୍ଷୀ ଏବଂ ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ନଦୀ ନାଳଗୁଡ଼ିକରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କର ଗଣନା ପାଇଁ ୫ରୁ ୧୩ ତାରିଖ ଯାଏ ପରିଭ୍ରମଣ ନିମନ୍ତେ ଭିତରକନିକାକୁ ବନ୍ଦ ରଖାଯାଇଥିଲା। ଏବର୍ଷ ଭିତରକନିକାକୁ ୧୨୧ ପ୍ରଜାତିର ୧୧,୪୬୨ ବିଦେଶୀ ପକ୍ଷୀ ଅଧିକ ଆସିଥିବାବେଳେ ୧୮ଟି ବଉଳା କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ପକ୍ଷୀପ୍ରେମୀ, ପରିବେଶବିତ୍, ଗବେଷକ ଏବଂ ଆଗନ୍ତୁକ ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର ଆଣିଦେଇଛି। ଚଳିତବର୍ଷ

# ୧୯ରୁ ଗୋପାଳ ଜୀଉ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ଧର୍ମଶାଳା, ୧୪।୧ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ମୁରାରୀପୁରସ୍ଥିତ ଗୋପାଳଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ୧୯ ତାରିଖରୁ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପୁରାତନ ଛାତ୍ର ସଂସଦ ପକ୍ଷରୁ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ନମିତା ଚଢ଼ା, ମୁଖ୍ୟବକ୍ତା ପ୍ରାଧ୍ୟାପକ ଡା. ଭୁବନାନନ୍ଦ ସାହୁ ଓ ଅନ୍ୟମାନେ ଯୋଗଦେବେ। ୨୦ ତାରିଖରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ସୁଲେଖିକା ବିଜୟଲକ୍ଷ୍ମୀ ପଟ୍ଟନାୟକ ଅତିଥିଭାବେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ବୈଜ୍ଞାନିକ ଶିଶିର ମନ୍ତ୍ରୀ, ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ପ୍ରମୁଖ ଯୋଗଦେବେ। ୨୧ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଦୌଡ଼ରାଣୀ ଅନୁରାଧା ବିଶ୍ୱାଳ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ତହସିଲଦାର ଶୁଭଙ୍କର ମହାନ୍ତି ଓ ଥାନା ଅଧିକାରୀ ତପନ ନାୟକ ପ୍ରମୁଖ ଯୋଗଦେବେ ବୋଲି ସ୍ଥିର କରାଯାଇଛି। ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୁରାତନ ଛାତ୍ର ସଂସଦ ସଭାପତି ପ୍ରମୋଦ କର ଓ ସାଧାରଣ ସମ୍ପାଦକ ଡ. ଦିଲୀପ ନାୟକ, ଉପଦେଷ୍ଟା ଶରତ ଚନ୍ଦ୍ର କର, ସଭ୍ୟ ପ୍ରସନ୍ନ ରାଉତ, ରମେଶ ଚନ୍ଦ୍ର ସେଠୀ ଓ କୁଳମଣି ଦାସ ପ୍ରମୁଖ ପ୍ରେସ ବିବୃତିରେ ଜଣାଇଛନ୍ତି।


ଖବରଦାତା ସମ୍ମିଳନୀରେ ଛାତ୍ର ସଂସଦର କର୍ମକର୍ତ୍ତାମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କୈଳାସ


@ ରୋହନ


@ ସିତାଂଶୁ


@ ଶୁଭେନ୍ଦୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଶା ନିବାରଣ କେନ୍ଦ୍ରକୁ ନେବା ବାଟରେ ଯୁବକଙ୍କୁ ମାଡ଼


ପାଣିକୋଇଲି ଥାନାରେ ପୋଲିସ ରାଜେନ୍ଦ୍ରଙ୍କୁ ମା' କବିତାଙ୍କ ଜିମା ଦେଉଛି।

ପାଣିକୋଇଲି, ୧୪।୧ (ବିକାଶ ମଲ୍ଲିକ):

## ଥାନାରେ ଜିମାଦେଲେ ସ୍ଥାନୀୟ ଲୋକେ

ଜଣେ ନିଶାଗ୍ରସ୍ତ ଯୁବକଙ୍କୁ ମିଛରେ ବୁଲିବାକୁ ଯିବାକୁ କହି ଭଦ୍ରକରୁ ଭୁବନେଶ୍ୱର ନେଉଥିବା ବାଟରେ ପାଣିକୋଇଲିଠାରେ ଅଟକାଇ ମାଡ଼ ମରାଯାଇଛି। ଏହାଦେଖି ସ୍ଥାନୀୟ ଲୋକେ ପ୍ରତିବାଦ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଜିମା ଦେଇଛନ୍ତି। ଏହାପରେ ଯୁବକଙ୍କ ମା' ଆସି ଥାନାରୁ ତାଙ୍କ ପୁଅଙ୍କୁ ନେଇଛନ୍ତି।

ସୂଚନା ଅନୁସାରେ, ଭଦ୍ରକ ପୁରୁଣା ବଜାର କାଜୁ ସାହିର ବିଜେନ୍ଦ୍ର ଯେନାଙ୍କ ପୁଅ ରାଜେନ୍ଦ୍ର ଯେନା ନିଶାସକ୍ତ ରହୁଛନ୍ତି। ତାଙ୍କୁ ନିଶା ମୁକ୍ତ କରିବା ପାଇଁ ତାଙ୍କ ସମ୍ପର୍କୀୟ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଅପର୍ତ୍ତିବିନ୍ଧାର ଅମିତ ମହାପାତ୍ର ଭୁବନେଶ୍ୱରର ଏକ ନିଶାନିବାରଣ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ସଂସ୍ଥା ପକ୍ଷରୁ ଏକ ଗାଡି ଅଖିଳ ତ୍ରିପାଠୀଙ୍କ ନେତୃତ୍ୱରେ ଭଦ୍ରକରେ ପହଞ୍ଚିଥିଲା। ପୂର୍ଣ୍ଣ ଯେନା ନାମକ ବ୍ୟକ୍ତି ରାଜେନ୍ଦ୍ରଙ୍କ ଦାଦା ବୋଲି ପରିଚୟ ଦେଇ ଦସ୍ତଖତ କରିବା ପରେ ତାଙ୍କ ଘରୁ ରାଜେନ୍ଦ୍ର ବ୍ୟାଗ୍ ଧରି ବାହାରିଥିଲେ। ଗାଡ଼ିରେ ତାଙ୍କୁ ନେଇଆସିବା ପରେ ପାଣିକୋଇଲି ପୁରୁଣା ଟୋଲଗେଟ ନିକଟ ରାସ୍ତାକଡ଼ର ଏକ ଦୋକାନରେ ଚା ପିଇବାକୁ ଅଟକିଥିଲେ। ଏହି ସମୟରେ କୌଣସି କାରଣରୁ ଅମିତ ନିଶାସକ୍ତ ଥାଇ ରାଜେନ୍ଦ୍ରଙ୍କୁ ମାଡ଼ ମାରିଥିଲେ। ଏହାଦେଖି ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ତେଣୁ ଲୋକେ ଘଟଣା ସମ୍ପର୍କରେ ପଚାରିବୁଝିବା ସହ ରାଜେନ୍ଦ୍ରଙ୍କ ପରିବାରକୁ ଯୋଗାଯୋଗ କରିଥିଲେ। ହେଲେ ତାଙ୍କ ମା' ଏକଥା ଜାଣି ନ ଥିବା ପ୍ରକାଶ କରିଥିଲେ। ଫଳରେ ଏ ନେଇ ପାଣିକୋଇଲି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଆସି ରାଜେନ୍ଦ୍ରଙ୍କୁ ଥାନାକୁ ନେଇଥିଲା। ପରେ ରାଜେନ୍ଦ୍ରଙ୍କ ମା'କବିତା ଥାନାକୁ ଆସି ପୁଅଙ୍କୁ ଜିମାରେ ନେଇଥିଲେ। ନିଶା ନିବାରଣ ସଂସ୍ଥାରୁ ଆସିଥିବା ଲୋକେ ଫେରିଯିବାକୁ ବାଧ୍ୟ ହୋଇଥିଲେ।

# ଲୁଟ୍ ହେଉଛି ଗଛ, ନଦୀପଠାରୁ ବାଲି, ମାଟି

ପଟ୍ଟାମୁଣ୍ଡାଇ, ୧୪।୧ (କଳ୍ପତରୁ ନାୟକ)

■ ହଡ଼ପ ହେଉଛି ସରକାରୀ ଜମି
■ ପାଟନାଳିରେ ବନ୍ଧ ପକାଇ ବାଲି ନିଆଯାଉଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ସରକାରୀ ଜମି ହଡ଼ପ ହେଉଥିବା ବେଳେ ଗଛ, ନଦୀପଠାରୁ ବାଲି, ମାଟି ଲୁଟ୍ ହେଉଥିବା ଅଭିଯୋଗ ହେଉଛି। ହେଲେ ଏ ଦିଗରେ ଜିଲା ପ୍ରଶାସନ ଓ ସ୍ଥାନୀୟ ରାଜସ୍ୱ ବିଭାଗ କର୍ଣ୍ଣପାତ କରୁନାହାନ୍ତି। ଅସାଧୁ ଓ ପ୍ରଭାବଶାଳୀ ବ୍ୟକ୍ତି ଏହି କାର୍ଯ୍ୟରେ ଲିପ୍ତ ରହୁଥିବାରୁ ଅଞ୍ଚଳବାସୀ ଭୟରେ ମୁହଁ ଖୋଲୁନାହାନ୍ତି। ଫଳରେ ସେମାନେ ମାଲାମାଲ ହେଉଥିବା ବେଳେ ସରକାର ରାଜସ୍ୱ ହରାଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଜନସାଧାରଣ ଭୟରେ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ପଟ୍ଟାମୁଣ୍ଡାଇ ନୀଳକଣ୍ଠପୁର ବ୍ରାହ୍ମଣୀ ନଦୀପଠାରୁ ରାତିଦିନ କୋଟି କୋଟି ଟଙ୍କାର ବାଲି, ମାଟି ଚୋରାଚାଲାଣ କରାଯାଉଛି। ଏହି ସ୍ଥାନରୁ ମେଶିନ ଦ୍ୱାରା ବାଲି ଖନନ ନ କରିବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ରହିତାଦେଶ ଏବଂ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ ସୁଦ୍ଧା ରାଜନେତା, ବାଲିମାଫିଆ ଓ ସ୍ଥାନୀୟ ପ୍ରଶାସନର ସହଯୋଗରେ ରାତିଦିନ ଶତାଧିକ ଟ୍ରକ୍, ହାଇୱାରେ ବାଲିଉଠୁଛି। ବେଆଇନ ବାଲି ଚାଲାଣ ହେବା ଦ୍ୱାରା କୋଟି କୋଟି ଟଙ୍କାର ରାଜସ୍ୱ ରାଜ୍ୟ ସରକାର ହରାଇଛନ୍ତି। ବାଲିମାଫିଆ ମାଲାମାଲ ହେଉଛନ୍ତି। ଏଭଳି ହେବା ଦ୍ୱାରା ସାଧାରଣ ଲୋକ ହଇରାଣ ହେଉଛନ୍ତି। ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ରାସ୍ତାରେ ଟ୍ରକ୍, ହାଇୱା ଚଳାଚଳ ଯୋଗୁ ଗର୍ତ୍ତ ସୃଷ୍ଟିହୋଇ ଅନୁପଯୋଗୀ ହୋଇପଡୁଛି। ବାଲି ନେଉଥିବା ଟ୍ରକ୍ ଓ ହାଇୱା ଉପରେ ପାଲ ପକାଇବାକୁ ନିୟମ ଥିବାବେଳେ ଏହାକୁ ଫୁ କରି ସେମାନେ ଉଡ଼ାଇ ଦେଉଛନ୍ତି। ବାଲି ଉଡ଼ି ରାସ୍ତାରେ ପଡ଼ିବା ଦ୍ୱାରା ଦୁର୍ଘଟଣା ଘଟୁଛି। ଧୂଳି ଉଡ଼ି ଘରଦ୍ୱାର ବୋଝେଇ ହୋଇଯାଉଛି। ପାଟନାଳିକୁ ବନ୍ଧାଇ, ପାଣିବାଟ ବନ୍ଦ କରିବାରୁ ଚାଷୀ ଚାଷ କରି ପାରୁନାହାନ୍ତି। ସେମାନେ ରାଜନେତାଙ୍କ ପାଖଲୋକ ହୋଇଥିବାରୁ ପୋଲିସ, ଜିଲା ଓ ତହସିଲ ପ୍ରଶାସନ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ସେପଟେ ଅଳପୁଆ, ଜଗନ୍ନାଥପୁର, ନାଇଆଡିଆ ନଦୀପଠାରୁ ବ୍ୟାପକ ଭାବେ ପ୍ରଶାସନ ଓ ମାଫିଆଙ୍କ ସଲାସୁତରା ଯୋଗୁ ବାଲି ହରିଲୁଟ୍ ହେବାରେ ଲାଗିଛି। ନଦୀକୂଳିଆ ଗ୍ରାମବାସୀଙ୍କ ପାଇଁ ବାଲିପଠା ସୁରକ୍ଷା ବାଡ଼ ସାଜିଥିବା ବେଳେ ମାଫିଆମାନେ ଏହାକୁ ଧ୍ୱଂସ କରିବାରେ ଲାଗିଛନ୍ତି, ଯାହା ଭବିଷ୍ୟତରେ ବନ୍ୟାକୁ ଡାକି ଆଣିବ ବୋଲି ଲୋକେ କହିଛନ୍ତି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବହୁ ମୂଲ୍ୟବାନ୍ ସରକାରୀ ଜମି ବିଶେଷକରି ବେଲତଳ, ଦକ୍ଷିଣଦିଆ, ପଟ୍ଟାମୁଣ୍ଡାଇ ଓ ପୋଖରିଆପଡ଼ା ମୌଜାର ଅନେକ ଜାଗାକୁ ୧୯୩୦ ମସିହା ବନ୍ଦୋବସ୍ତରେ ପ୍ରଭାବଶାଳୀ ବ୍ୟକ୍ତିମାନେ ବ୍ୟାପକ ହେରଫେର କରି ହଡ଼ପ କରିନେଇଛନ୍ତି। ପୋତିହୋଇ ପଡ଼ିଥିବା ଗୋବରୀ ନଦୀ ଜାତୀୟ ସମ୍ପତ୍ତି ହୋଇଥିଲେ ମଧ୍ୟ ଜମିଦାରଙ୍କଠାରୁ ହାତଲେଖା ଆଣି କେତେଜଣ ଚତୁର ଲୋକ ତହସିଲ କାର୍ଯ୍ୟାଳୟରୁ ଲିଜ୍ ନେଇ ଭୋଗଦଖଲ କରିବା ସହ ବିକ୍ରିବଟା କରୁଛନ୍ତି। ପୋତା ନଦୀ କିସମ ଜଳାଶୟ ଥିବାବେଳେ ଏହା କିପରି ପୋତାଯାଇ ପକ୍କାଘର ନିର୍ମାଣ କରାଯାଇଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରବାହିତ ଗୋବରୀ ନଦୀର ପୁନରୁଦ୍ଧାର ପାଇଁ ପଟ୍ଟାମୁଣ୍ଡାଇ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ଦାଶ, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ ଓ ଦେବାଶିଷ ପଣ୍ଡା ପ୍ରମୁଖ ଜାତୀୟ ଆଇନସେବା ପ୍ରାଧିକରଣ (ନାଲ୍‌ସା) ନିକଟରେ ଏକ ଜନସ୍ୱାର୍ଥସମ୍ବଳିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ବିଚାର କରି ଡିଏଲ୍‌ଏସ୍‌ଏ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଏଭଳି କାର୍ଯ୍ୟ ପାଇଁ ବିଭାଗ ପାଖରେ ସମୟ ନାହିଁ ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ପ୍ରବୀର ନାୟକ, ଆଇନଜୀବୀ ପ୍ରମୋଦ ସାହୁ, ସାମାଜିକ କର୍ମୀ କୃପାସିନ୍ଧୁ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲରୁ ବଡ଼ ବଡ଼ ଗଛ କଟାଯାଇ ସହର ଉପକଣ୍ଠର କଷଣଅଣ୍ଡା, ଅଳଭା, ମାଟିଆ, ତାତନା, ଷଣ୍ଢପଲ୍ଲୀ ଆଦି ସ୍ଥାନରେ ବେଆଇନ ଭାବେ ମାଟି ଇଟାଭାଟି ପୋଡ଼ାଯାଉଛି। ଏହାର ଧୂଆଁରେ ବୟସ୍କ ଓ ପିଲାମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଜଙ୍ଗଲ ସୃଷ୍ଟି କରାଯାଉଥିବା ବେଳେ କେତେଜଣ କାଠ ବେପାରୀ ଜଙ୍ଗଲ ଅବକ୍ଷୟରେ ଲାଗିପଡ଼ି ଇଟାଭାଟି ମାଲିକଙ୍କୁ କାଠ ବିକ୍ରି କରୁଛନ୍ତି। ଏହି ବେଆଇନ କାରବାରକୁ ନେଇ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ପଚାରିବାରେ, ଚୋରା ବାଲି ବିଷୟରେ ଜିଲା ମାଇନିଂ ବିଭାଗ ବୁଝୁଛି। ମାଟିଇଟା ପୋଡ଼ା ଉପରେ ଚଢ଼ାଉ କରାଯାଇ ଦୁଇଦିନ ଭିତରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।


ଜଳସମ୍ପଦ ବିଭାଗର ପାଟନାଳିରେ ବନ୍ଧ ପକାଯାଇ ଗାଡ଼ି ନିଆଯାଉଛି।


ପଟ୍ଟାମୁଣ୍ଡାଇ ନୀଳକଣ୍ଠପୁର ରାସ୍ତାରେ ହାଇୱାରେ ବାଲି ନେବା ବେଳେ ପାଲ ନ ପଡ଼ିବାରୁ ଧୂଳି ଉଡୁଛି।

# ପେଟ୍ରୋଲ ପମ୍ପ ଠକେଇକୁ ଅନୁକମ୍ପା

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଅଧିକାଂଶ ପେଟ୍ରୋଲ ପମ୍ପରେ ଅବାଧରେ ଅପମିଶ୍ରିତ ତେଲ ବିକ୍ରି ହେଉଥିଲେ ମଧ୍ୟ ଧରପଗଡ଼ କରାଯାଉନି। ସେହିଭଳି ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ଗ୍ରାହକଙ୍କୁ ଆନୁସଙ୍ଗିକ ସୁବିଧା ନ ଯୋଗାଇ କେବଳ ପେଟ୍ରୋଲ ଓ ଡିଜେଲ ପକାଇ ଟଙ୍କା ରୋଜଗାର କରିବାରେ ଲାଗିଛନ୍ତି। ଗ୍ରାହକ ସୁବିଧା ପାଇଲା କ ନାହିଁ ତଦାରଖ ହେଉନି। ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପାଇଁ କ'ଣ ସୁବିଧା ରହିଛି ସେନେଇ ପ୍ରଶାସନ ପକ୍ଷରୁ ମଧ୍ୟ ସଚେତନତା କରାଯାଉ ନାହିଁ। ଜିଲାର ସଦର ମହକୁମାରେ ସେବା ମିଳୁ ନ ଥିବାବେଳେ ଗ୍ରାମାଞ୍ଚଳ ଓ ଅନ୍ୟ ସହରରେ ସେବା ପାଇବାର ଆଶା କରାଯାଇ ପାରୁନି । ଏଭଳିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ପେଟ୍ରୋଲ ପମ୍ପର ସ୍ଥିତିକୁ ଅନୁଧ୍ୟାନ କଲେ ଖାଉଟିଙ୍କ ପାଇଁ ଖାଉଟି ସୁରକ୍ଷା ଆଇନ ଅପହଞ୍ଚ ହୋଇ ରହି ଯାଇଛି । ବରଂ ପେଟ୍ରୋଲ ପମ୍ପରେ ଚାଲିଥିବା ଠକେଇକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇ ଆସୁଛି ।



**ଅଭିଯୋଗ ରେଜିଷ୍ଟାର ରଖୁ ନାହାନ୍ତି:**ପେଟ୍ରୋଲ ପମ୍ପରେ ଅଭିଯୋଗ ରେଜିଷ୍ଟାର ରଖିବାକୁ ନିୟମ ରହିଛି। ହେଲେ ଜିଲାର କୌଣସି ପେଟ୍ରୋଲ ପମ୍ପରେ ଆଦୌ ଏହି ସୁବିଧା ନାହିଁ। ଅଭିଯୋଗ ରେଜିଷ୍ଟର ପେଟ୍ରୋଲ ପମ୍ପରେ ରଖିଲେ ଗ୍ରାହକ କ'ଣ ଅସୁବିଧାର ସମ୍ମୁଖୀନ ହେଲା, ସେବା ପାଇଲା କି ନାହିଁ ସେନେଇ ଉଲ୍ଲେଖ କରି ପାରନ୍ତେ। ତେଲ କମ୍ପାନୀ କର୍ତ୍ତୃପକ୍ଷ ଏହାର ଯାଞ୍ଚ କରି ଗ୍ରାହକଙ୍କୁ ସେବା ଯୋଗାଇବା ପାଇଁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଅନ୍ତେ। ତେବେ ଗ୍ରାହକଙ୍କ ଅଭିଯୋଗ ପାଇଁ ବ୍ୟବସ୍ଥା ରଖିଲେ ଟେନଶନ ବଢ଼ିବ। ସମାଧାନ କରିବା କାଠିକର ପାଠ।

- ଅପମିଶ୍ରିତ ତେଲ ଉପରେ ଚଢ଼ାଉ ନାହିଁ
- ଆନୁଷଙ୍ଗିକ ସୁବିଧା ନ ଦେଇ ଗ୍ରାହକଙ୍କୁ ଲୁଟୁଛନ୍ତି
- ଖାଉଟି ସୁରକ୍ଷା ଆଇନ ଅପହଞ୍ଚ
- ସରକାରୀ ନୀତି ନିୟମ ଶୀତଳଭଣ୍ଡାରରେ

ଠକେଇ କରିବାରେ ଅସୁବିଧା ହେବ । ଏଣୁ ଅଭିଯୋଗ ରେଜିଷ୍ଟର ଜାଣିଶୁଣି ରଖାଯାଉନି ବୋଲି ଅଭିଯୋଗ ହୋଇ ଆସୁଛି ।

**ପାନୀୟ ଜଳ ସୁବିଧା ନାହିଁ :**ପେଟ୍ରୋଲ ପମ୍ପରେ ପାନୀୟ ଜଳ ସୁବିଧା ଯୋଗାଇବାର ବ୍ୟବସ୍ଥା କରାଯିବା ଦରକାର। କେତେକ ସ୍ଥାନରେ ପାନୀୟ ଜଳ ସୁବିଧା କରାଯାଇଛି । ହେଲେ ଏହାକୁ ପେଟ୍ରୋଲ ପମ୍ପ କର୍ମଚାରୀ କାମରେ ଲଗାଉଛନ୍ତି। ଗ୍ରାହକଙ୍କୁ ଏହି ସେବା ବି ଦିଆଯାଉନି। ଅନେକ ପେଟ୍ରୋଲ ପମ୍ପରେ ପାନୀୟଜଳ ସୁବିଧା କରାଯାଇନି। ତେବେ କାଗଜପତ୍ରରେ ସୁବ କିଛି ଠିକ୍ ରହିଛି। ସେହିଭଳି କେତେକ ପେଟ୍ରୋଲ ପମ୍ପରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେତୋକାଂଶରେ ଅଛି ଅଥଚ ତାହା କାମ କରୁନି ।

**କରାଯାଉନି ପ୍ରେସର ଚେକିଂ:**ପେଟ୍ରୋଲ ପମ୍ପରେ ପ୍ରେସର ଚେକିଂ ବ୍ୟବସ୍ଥା ବାଧ୍ୟତାମୂଳକ। ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡ଼ିଚାଳକମାନେ ମାଗଣାରେ ପ୍ରେସର ଚେକ୍ କରି ପାରିବେ । ତେବେ ଅଧିକାଂଶ ପେଟ୍ରୋଲ ପମ୍ପରେ ପ୍ରେସର ଦେବା ମେଶିନ୍ ନାହିଁ । କାଁଭାଁ ସ୍ଥାନରେ ବ୍ୟବସ୍ଥା ରହିଛି ଅଥଚ କର୍ମଚାରୀ ନିୟୋଜିତ କରାଯାଇନାହିଁ। କେଉଁଠି କେବଳ ନାମମାତ୍ର ପ୍ରେସର ଚେକିଂ ମେଶିନ୍ ରଖାଯାଇ ଖରାପ ଅଛି ବୋଲି ସଫେଇ ଦିଆଯାଉଛି ।

**ସୁବିଧା ବଦଳରେ ଅବ୍ୟବସ୍ଥା :** ପେଟ୍ରୋଲ ପମ୍ପରେ ପାଇଖାନା ସୁବିଧା, କମ୍ପ୍ୟୁଟର ବିଲ୍, ମାଗଣା କଲ ବ୍ୟବସ୍ଥାର ସୁବିଧା ଦେବା ପାଇଁ ସରକାରୀ ନିୟମ ରହିଛି । ହେଲେ ଏ ସବୁ ସୁବିଧା ସ୍ୱପ୍ନ ଥିବାବେଳେ ସୁବିଧା ନାଁରେ ନାନା ପ୍ରକାରର ଅବ୍ୟବସ୍ଥା ଦେଖା ଦେଉଛି। ପେଟ୍ରୋଲ ଓ ଡିଜେଲ ପକାଇଲେ ବିଲ୍ ଦେଉ ନାହାନ୍ତି। ମିଲ୍ ମାଗିଲେ ହାତ ଲେଖା ବିଲ୍ ବହୁ ସମୟ ଅପେକ୍ଷା ପରେ ଧରାଉଛନ୍ତି। ଅଧିକାଂଶ ପେଟ୍ରୋଲ ପମ୍ପରେ ହାତଲେଖା ବିଲ୍ ମିଳୁ ନ ଥିବାବେଳେ କମ୍ପ୍ୟୁଟର ବିଲ୍ ପାଇବା ଆଶା ରଖିବା ନିରର୍ଥକ। ତେଲ ପକାଉଥିବା ଚାଳକ ଗୋଟିଏ ମାଗଣା ଟେଲିଫୋନ କରିବାର ସୁବିଧା ରହିଛି । ଏହି ସୁବିଧା ଆଦୌ କୌଣସି ପେଟ୍ରୋଲ ପମ୍ପରେ କରାଯାଇନି। ପାଇଖାନା ସୁବିଧା ୯୦ ପ୍ରତିଶତ ସ୍ଥାନରେ ନାହିଁ । କିଛି ସ୍ଥାନରେ ଏହା ରହିଥିଲେ ମଧ୍ୟ ତାହା କର୍ମଚାରୀଙ୍କ ପାଇଁ ଉର୍ଦ୍ଦିଷ୍ଟ ବୋଲି ଶୁଣିବାକୁ ମିଳୁଛି । ଏନେଇ ଜିଲା ଖାଉଟି ମଞ୍ଚର ସଭାପତି ଶୂନ୍ୟଜୟୀ ମିଶ୍ର କୁହନ୍ତି, ସରକାରୀ ନୀତିନିୟମକୁ ଜିଲାର କୌଣସି ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷ ମାନୁ ନାହାନ୍ତି । ଅଭିଯୋଗ କଲେ ଉତ୍ତର ମିଳୁଛି ଗ୍ରାହକଙ୍କୁ ଆନୁସଙ୍ଗିକ ସେବା ଯୋଗାଇବାକୁ ଆମ ପାଇଁ କିଛି ନିର୍ଦ୍ଦେଶ ନାହିଁ। ଆମ ବିରୋଧରେ ଫେରାଦ୍ ଦେଲେ କିଛି ହେବନି କହି ଏଡାଇ ଯାଉଛନ୍ତି। ଜିଲା ଖାଉଟି ମଞ୍ଚରେ ଏନେଇ ଅଭିଯୋଗ ରଖିଲେ ସୁଫଳ ମିଳୁନି। ଦଶପଲ୍ଲାର ରାମ ନାୟକ, ରଣପୁରର ସୀତା ପ୍ରଧାନ, ଓଡ଼ଗାଁର ସୁକାନ୍ତ ସ୍ୱାଇଁ କୁହନ୍ତି, ଗ୍ରାହକଙ୍କ ଅଭିଯୋଗ ଅନୁସାରେ ଅତର୍କିତ ଭାବେ ପେଟ୍ରୋଲ ପମ୍ପରେ ଚଢ଼ାଉ କରାଯାଉନି । ଯଦ୍ୱାରା ସେମାନେ ଗ୍ରାହକଙ୍କୁ ଭୁଆଁ ବୁଲାଉଛନ୍ତି। ଅପମିଶ୍ରଣ ପେଟ୍ରୋଲ ଡିଜେଲ ପକାଇ ଲାଭବାନ ହେଉଛନ୍ତି । ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଲେ ଗ୍ରାହକମାନେ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଗରିବ କଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ପରାମର୍ଶ

### ଭାଜପା ସାଙ୍ଗଠନିକ ବୈଠକ

ରଣପୁର,୧୪।୧(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀ ଅଧୀନ ଚାନ୍ଦପୁର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ରବିବାର ଚମ୍ପାଗଡ଼ଠାରେ ନବନିଯୁକ୍ତ ମଣ୍ଡଳ ସଭାପତି ସୁବର୍ଣ୍ଣ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦଳର ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା ଏବଂ ଆଗାମୀ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ସହ ତାଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏହି ବୈଠକରେ ଆଖପାଖ ଅଞ୍ଚଳର ୧୦ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ପୂର୍ବତନ ବିଧାୟିକା ସୁରମା ପାଢ଼ୀ କାର୍ଯ୍ୟକର୍ତ୍ତାମାନଙ୍କୁ ଘରକୁ ଘର ବୁଲି ସମ୍ପର୍କ ସ୍ଥାପନ କରିବା ସହିତ ମୋଦୀଙ୍କ ଗରିବ କଲ୍ୟାଣ ଯୋଜନାର ସଫଳ ରୂପାୟନ ନିମନ୍ତେ ପରାମର୍ଶ ଦେଇଥିଲେ । ଆଗାମୀ ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ବିଗ୍ରହ ପ୍ରତିଷ୍ଠା ପୂର୍ବରୁ ଅଞ୍ଚଳରେ ସମସ୍ତ ଦେବପୀଠର ପରିଷ୍କାର, ଅକ୍ଷତ ନିମନ୍ତ୍ରଣ ଏବଂ ଧାର୍ମିକ ବାତାବରଣ ନିର୍ମାଣ କରି ଭାରତବର୍ଷର ଅସ୍ମିତାର ସୁରକ୍ଷା ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶାର ଦୁର୍ନୀତିଗ୍ରସ୍ତ ବିଜେଡି ସରକାରର ମୂଳୋତ୍ପାଟନ କରି ଭାଜପା ସରକାର ପ୍ରତିଷ୍ଠା ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ମଣ୍ଡଳ ସଭାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ସହିତ ସାଙ୍ଗଠନିକ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା , ଗଣେଶ୍ୱର ମାନ୍ଧାତା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ପ୍ରସନ୍ନ ବେହେରା ସଭା ପରିଚାଳନା କରିଥିଲେ। କନ୍ଧନୟାଗଡ ଶକ୍ତିକେନ୍ଦ୍ର ପ୍ରମୁଖ ପ୍ରମୋଦ ସାହୁ ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଚମ୍ପାଗଡ଼ ହନୁମାନ ମନ୍ଦିର, ସପ୍ତେଶ୍ୱର ମନ୍ଦିର ସଫେଇ କାର୍ଯ୍ୟ କରାଯାଇ, ଦେବାଳୟରେ ରାମଧୂନ ସଂକୀର୍ତ୍ତନ କରାଯାଇଥିଲା । ୨୨ ତାରିଖ ଦିନ ସମସ୍ତେ ନିଜ ଗାଁ ମନ୍ଦିରରେ ଏକାଠି ହୋଇ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟର ସିଧା ପ୍ରସାରଣକୁ ଗ୍ରାମବାସୀଙ୍କ ସହିତ ମିଶି ଦେଖିବାର ସଂକଳ୍ପ ନିଆଯାଇଥିଲା ।



ଭାଜପା କର୍ମୀମାନେ ମନ୍ଦିର ପାର୍ଶ୍ୱ ସଫେଇ କରୁଛନ୍ତି।

## ଆଦର୍ଶ ଶିକ୍ଷାକେନ୍ଦ୍ରରେ ବାର୍ଷିକ ଉତ୍ସବ




କୁନି କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)

ନୟାଗଡ଼ ହାଉସିଂ ବୋର୍ଡ ନିକଟ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଶୋଭାଯାତ୍ରା, ରକ୍ତଦାନ ଶିବିର,ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଓ ଧର୍ମ ଆଲୋଚନା ସଭା ଆୟୋଜନ କରାଯାଇଥିଲା । ଦ୍ୱିତୀୟ ଦିବସରେ ବିଦ୍ୟାଳୟର ଉନବିଂଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ମୁଥାଗାଡିଆ ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ ଓ ସମିତି ସଭ୍ୟ ଦିଲୀପ କୁମାର ହାତୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଉପଦେଷ୍ଟା ଶିକ୍ଷାବିତ୍ ହରିହର ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇ ଥିଲା। ସମ୍ପାଦକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଛାତ୍ରୀଛାତ୍ରମାନଙ୍କ ସଫଳତା, ବିଦ୍ୟାଳୟ ଭବନ ନିର୍ମାଣ କାହାଣୀ ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ରମାନେ ଉତ୍ତମ ମଣିଷ ହୋଇ ଯୁଗନିର୍ମାଣରେ ବ୍ରତୀ ହେବା ସହ ସମାଜସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରନ୍ତୁ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ । ଏହି ଅବସରରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା,ମାଟ୍ରିକ ପରୀକ୍ଷା , ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହା ସହିତ ସାମାଜିକ କର୍ମୀ ଗୋଦାବରୀଶ ସାହୁ, ଡାକ୍ତର ଉମେଶ ଚନ୍ଦ୍ର ମିଶ୍ର,ସଞ୍ଜୟ କୁମାର ପ୍ରଧାନ ଓ ରାମଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ପ୍ରିୟମ୍ବଦା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ କୈଳାସ



@ ରୋହନ



@ ଅଭିଷେକ



@ ସିତାଂଶୁ



@ ଶୁଭେନ୍ଦୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମନସ୍ୱୀ-୨୦୨୪ ଅନୁଷ୍ଠିତ

ଖଣ୍ଡପଡ଼ା,୧୪।୧
(ଅଜୟ କୁମାର ମହାରଣା)

କଳା ସଂସ୍କୃତି ଓ ଶିକ୍ଷା ଉପରେ ଆଧାରିତ ମା'ନାରାୟଣୀ କ୍ୟାରିୟର ଏକାଡେମୀ ଆନୁକୂଲ୍ୟରେ ୨ଦିନିଆ ୬ଷ୍ଠ ବାର୍ଷିକ ଉତ୍ସବ ମନସ୍ୱୀ-୨୦୨୪ ରବିବାର ସ୍ଥାନୀୟ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ମୁଖ୍ୟଅତିଥି ଭବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠର ଶିକ୍ଷକ ଭଗବାନ ସାହୁ ଓ ଅନ୍ତର୍ଯ୍ୟାମୀ ବେହେରା ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ କଠୋର ପରିଶ୍ରମ କରିବା ସହ ନିଜର ଅନ୍ତର୍ନିହିତ ପ୍ରତିଭାକୁ ଉଜ୍ଜିବିତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପରାମର୍ଶ ଦେଇଥିଲେ । ଶନିବାର ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ମେଡାଲ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇ ଥିଲା । କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଆଧ୍ୟାପକ ମାନଗୋବିନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଳ୍ପନା ବେହେରା ସଂଯୋଜନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ପୃଷ୍ଠପୋଷକ ତଥା ପରିଚାଳକ ରାଜେଶ କୁମାର ଦାସ ଏବଂ ଅନ୍ୟତମ ପରିଚାଳକ ଗଣେଶ୍ୱର ରାଉତ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ ।



ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

## ସାଇ ହାଲ୍ ସୁନାବେଡ଼ା ଚାମ୍ପିୟନ

### ସର୍ବଭାରତୀୟ ନୟାଗଡ଼ କପ୍ ଫୁଟବଲ

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)

ନୟାଗଡ଼ ଖେଳ ପଡ଼ିଆରେ ଚାଲି ଥିବା ସର୍ବଭାରତୀୟ ନୟାଗଡ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇ ଯାଇଛି । ଏଥିରେ ସାଇ ହାଲ ସୁନାବେଡ଼ା ୫-୨ ଗୋଲରେ ଟାଟା ଫୁଟବଲ ଏକାଡେମୀ ଜାମସେଦପୁରକୁ ପରାସ୍ତ କରି ଚାମ୍ପିୟାନ୍ ହୋଇଛି। ଚାମ୍ପିୟାନ ଦଳ ସାଇ ହାଲ ସୁନାବେଡ଼ାକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଖେଳର ପ୍ରଥମାର୍ଦ୍ଧରେ ସାଇ ହାଲ ସୁନାବେଡ଼ାର ଚନ୍ଦ୍ର ମୁଦୁଲି ୨ଟି ଗୋଲ ଓ କାର୍ତ୍ତିକ ହନ୍ତାଲ ଅନ୍ୟ ଗୋଟିଏ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ । ପୁଣି ୨ୟାର୍ଦ୍ଧରେ ସାଇ ହାଲ ସୁନାବେଡ଼ାର କାର୍ତ୍ତିକ ହନ୍ତାଲ ଗୋଟିଏ ସ୍କୋର ଓ ସଜିତ କୋରା ଅନ୍ୟ ଗୋଟିଏ ଗୋଲ ସ୍କୋର କରି ଅନୁରୂପ ଭାବେ ଦଳକୁ ଆଗୁଆ ରଖିବାରେ ସକ୍ଷମ ହୋଇଥିଲେ । ଟାଟା ଫୁଟବଲ ଏକାଡେମୀ ଜାମସେଦପୁର ୨ୟାର୍ଦ୍ଧରେ ଆଜାଦ୍ ଖାନ ଓ ଏମ. ମରଜିତ୍ ସିଂ ୨ଟି ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲା। ତେବେ ଖେଳକୁ ବରାବର ସ୍ଥିତିକୁ ଆଣିବାରେ ସକ୍ଷମ ହୋଇ ନ ଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ରୂପେ ପୁରୀ ଏମ୍‌ପି ପିନାକୀ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଏସ୍‌ପି ରାହୁଲ ଜୈନ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅତିଥି ରୂପେ ଯୋଗ ଦେଇଥିଲେ । ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ଶଶୀକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ, ଶେଷଦେବ ବେହେରା ଖେଳରେ ସହଯୋଗ କରିଥିଲେ । ମ୍ୟାଚ କମିଶନର ଭାବେ ଆଲୋକ କୁମାର ଦାଶ ସହଯୋଗ କରିଥିଲେ । ରାମକୃଷ୍ଣ ରଥ, ଶେଖ ଅବଦୁଲ ଖାଲିକ, ଅଧ୍ୟାପକ ଆଶୁତୋଶ ମିଶ୍ର ସଂଯୋଜନା କରିଥିଲେ । ଫାଇନାଲ ଖେଳ ଅବସରରେ ତ୍ରୀରଙ୍ଗା ପତାକା ଧରି ଶତାଧିକ ଛାତ୍ରୀଛାତ୍ର ପଡିଆରେ ନୃତ୍ୟ ପରିବେଷଣ କରିଥିଲେ ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

